## ସଂକ୍ଷେପରେ

### ବିବାହିତ ଯୁବକଙ୍କ ଫେସ୍‌ବୁକ୍ ପ୍ରେମ ହେଲା ମହଙ୍ଗା
## ପ୍ରତାରଣା, ଅଭିଯୁକ୍ତ ଗିରଫ

**ବ୍ରହ୍ମପୁର ଅଫିସ,୧୩।୨:** ଜଣେ ଯୁବତୀଙ୍କୁ ପ୍ରତାରଣା କରିଥିବା ଅଭିଯୋଗରେ ଟାଉନ ଥାନା ପୋଲିସ ଗୁରୁବାର ଅଭିଯୁକ୍ତଙ୍କୁ ବ୍ରହ୍ମପୁର ରେଳଷ୍ଟେଶନ ନିକଟରୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ମୟୂରଭଞ୍ଜ ଜିଲା ବାଦାମପାହାଡ଼ ଥାନା ଅନ୍ତର୍ଗତ ଦେଓଗାଁ ଗ୍ରାମର ଗଣେଶ ମୁର୍ମୁ (୨୫)। ଗୁରୁବାର ଗଣେଶଙ୍କର ଏମ୍‌କେସିଜି ମେଡିକାଲ ଏଫଏମ୍‌ଟି ବିଭାଗରେ ଡାକ୍ତରୀ ମାଇନା କରାଯାଇଛି। ମାମଲା ନମ୍ବର ୨୧/୨୦ରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେହିପରି ପୀଡିତାଙ୍କର ଧାରା ୧୬୪ରେ ଏସ୍‌ଡ଼ିଜେଏମ୍ ସରୋଜିନୀ ସାହୁଙ୍କ କୋର୍ଟରେ ବୟାନ ରେକର୍ଡ କରାଯାଇଥିଲା । ଘଟଣାରୁ ପ୍ରକାଶ, ଗଣେଶ ପୂର୍ବରୁ ବିବାହ କରିଛନ୍ତି। ସେ ତାମିଲନାଡୁରେ ଏକ ଘରୋଇ କମ୍ପାନୀରେ କାମ କରନ୍ତି। ଗତ ୧୦ ମାସ ତଳେ ଫେସ୍‌ବୁକ ମାଧ୍ୟମରେ ବ୍ରହ୍ମପୁରର ଜଣେ ଯୁବତୀଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଏପରିକି ଗଣେଶ ବିବାହିତ ହୋଇଥିଲେ ମଧ୍ୟ ମିଛ କହି ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇଥିଲେ। ବ୍ରହ୍ମପୁରରେ ଯୁବତୀଙ୍କ ଘରେ ଗଣେଶ ରହି ତାଙ୍କ ସହ ଶାରୀରିକ ସମ୍ପର୍କ ମଧ୍ୟ ରଖି ଆସୁଥିଲେ। ଯୁବତୀ ଜଣଙ୍କ ଗଣେଶଙ୍କୁ ବିବାହ କରିବା ପାଇଁ ବହୁବାର କହିଥିଲେ। ବିଭିନ୍ନ ଆଳ ଦେଖାଇ ଗଣେଶ ଏ କଥାକୁ ଏଡାଇ ଚାଲିଥିଲେ। ଶେଷରେ ଗଣେଶ ବିବାହିତ ଥିବା ଯୁବତୀ ଜଣଙ୍କ କିଛିଦିନ ତଳେ ଜାଣିବା ପରେ ଏନେଇ ସେ ତାଙ୍କୁ ପଚାରିଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ଗଣେଶ ସମ୍ପୃକ୍ତ ଯୁବତୀଙ୍କୁ ଧମକଚମକ ଦେବା ସହ ତାଙ୍କୁ ଛାଡି ଚାଲି ଯାଇଥିଲେ। ଏ ନେଇ ପୀଡ଼ିତା ଜଣଙ୍କ ଟାଉନ ଥାନାରେ ଅଭିଯୋଗ କରିଥିଲେ।

## ବ୍ୟବସାୟୀଙ୍କ ଘରୁ ଚୋରି

**ବ୍ରହ୍ମପୁର ଅଫିସ,୧୩।୨:** ସଦର ଥାନା ଅନ୍ତର୍ଗତ ନିମଖଣ୍ଡି ଗଣେଶ ବିହାରରେ ଦୁର୍ବୃତ୍ତମାନେ ଏକ ତାଲା ବନ୍ଦ ଘରେ କଳାକନା ବୁଲାଇଛନ୍ତି। ଜଣେ ବ୍ୟବସାୟୀଙ୍କ ଘର ଗ୍ରୀଲ ତାଲା ଭାଙ୍ଗି ଦୁର୍ବୃତ୍ତମାନେ ପଶିଥିଲେ। ବେଡ଼ ରୁମରେ ଥିବା ୨ଟି ଅଲମୀରା ତାଲା ଭାଙ୍ଗି ସେଥିରେ ଥିବା ସୁନା ଗହଣା, ରୁପା ସାମଗ୍ରୀ ଓ ନଗଦ ୧୨ ହଜାର ଟଙ୍କା ଚୋରି କରି ନେଇଯାଇଥିଲେ। ଖବର ପାଇ ପୋଲିସ ଘଟଣାର ତଦନ୍ତ ଚଳାଇଛି ବୋଲି କହିଛି।

ପ୍ରକାଶଯେ, ବ୍ୟବସାୟୀ ଏଲ.ଭେଙ୍କେଟେସ୍ ତାଙ୍କ ପରିବାର ସହ ଗତ ୬ ତାରିଖରେ ଘରେ ତାଲା ପକାଇ ସିରିଡି ଯାଇଥିଲେ। ଗୁରୁବାର ବ୍ୟବସାୟୀ ଘରେ ପହଞ୍ଚିଥିଲେ। ତାଙ୍କ ଗ୍ରୀଲ ତାଲା ଭଙ୍ଗା ଯାଇଥିବା ସେ ଦେଖିଥିଲେ। ସେ ଘର ଭିତରକୁ ଯାଇ ଦେଖିବା ବେଳେ ଅଲମାରାରେ ଥିବା ୨ ହଳ କାନଫୁଲ, ୨ ସୁନା ମୁଦି, ରୁପା ଓ ପିତ୍ତଳ ସାମଗ୍ରୀ ନ ଥିଲା। ନିମଖଣ୍ଡି ଫାଣ୍ଡିରେ ଅଭିଯୋଗ ହୋଇଥିବା ବେଳେ ଏନେଇ ଥାନାରେ ଏତଲା ହୋଇ ନ ଥିବା ଫାଣ୍ଡି ଅଧିକାରୀ ଧ୍ରୁବା ସ୍ୱାଇଁ କହିଛନ୍ତି।

# ସରପଞ୍ଚଙ୍କ ବିରୋଧରେ ଅଭିଯୋଗ ମିଥ୍ୟା

ବ୍ରହ୍ମପୁର ଅଫିସ,୧୩।୨

**ହୁଗୁଲାପଟା ସରପଞ୍ଚଙ୍କ ନାମରେ ଅନାସ୍ଥା ପ୍ରସ୍ତାବ ପ୍ରସଙ୍ଗ**

■ଉପଜିଲାପାଳଙ୍କୁ ସରପଞ୍ଚ, ୱାର୍ଡମେମ୍ବରଙ୍କ ଦାବିପତ୍ର


ଦାବିପତ୍ର ପ୍ରଦାନ ଅବସରରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ହୁଗୁଲାପଟା ପଞ୍ଚାୟତର ୱାର୍ଡମେମ୍ବର ଓ ଅନ୍ୟମାନେ ।

କୁକୁଡାଖଣ୍ଡି ପଞ୍ଚାୟତ ସମିତି ଅନ୍ତର୍ଗତ ହୁଗୁଲାପଟା ପଞ୍ଚାୟତ ସରପଞ୍ଚଙ୍କ ବିରୋଧରେ ଉପଜିଲାପାଳଙ୍କ ନିକଟରେ କରାଯାଇଥିବା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା। ଚଳିତ ମାସ ୩ ରେ ପଞ୍ଚାୟତର କେତେଜଣ ବ୍ୟକ୍ତିଙ୍କ ଦ୍ୱାରା ସରପଞ୍ଚ ପ୍ରଦୀପ କୁମାର ମାଲଣାଙ୍କ ବିରୋଧରେ ହୋଇଥିବା ଅନାସ୍ଥା ପ୍ରସ୍ତାବ ସମ୍ପୂର୍ଣ୍ଣ ଭିତ୍ତିହୀନ। ଏ ନେଇ ଗୁରୁବାର ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରେୟ ଭାଉସାହେବଙ୍କ ନିକଟରେ ହୁଗୁଲାପଟା ପଞ୍ଚାୟତର ୮ ୱାର୍ଡମେମ୍ବରଙ୍କ ସମେତ କୁକୁଡାଖଣ୍ଡି ବ୍ଲକ ବିଭିନ୍ନ ପଞ୍ଚାୟତର ସରପଞ୍ଚମାନେ ଦାବି କରିଛନ୍ତି। ଏନେଇ ୱାର୍ଡମେମ୍ବର ଓ ସରପଞ୍ଚମାନେ ଅନ୍ୟଏକ ଦାବିପତ୍ର ଉପଜିଲାପାଳଙ୍କୁ ପ୍ରଦାନ କରିଥିଲେ। ହୁଗୁଲାପଟା ପଞ୍ଚାୟତରେ ସମସ୍ତ ପ୍ରକାର ଉନ୍ନୟନ ପାଣ୍ଠିର ବିନିଯୋଗ ଠିକ୍ ଭାବେ ହେବା ସହ ବିକାଶ ତ୍ୱରାନ୍ୱିତ ହେଉଥିବା ନେଇ ଦାବିପତ୍ରରେ ଦର୍ଶାଇଥିଲେ। ଏହାର ଅନୁସନ୍ଧାନ କରି ପଦକ୍ଷେପ ଗ୍ରହଣ କରିବାକୁ କହିଥିଲେ। ଦାବିପତ୍ର ପ୍ରଦାନ ବେଳେ ହୁଗୁଲାପଟା ପଞ୍ଚାୟତର ୮ ୱାର୍ଡମେମ୍ବର, କୁକୁଡାଖଣ୍ଡି ବ୍ଲକ ସମସ୍ତ ସରପଞ୍ଚଙ୍କ ସମେତ ସୁଧୀର ରାଉତ, ସନ୍ତୋଷ ଚୌଧୁରୀ ଓ କିଶୋର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଫେବୃୟାରୀ ୨ରେ ପଞ୍ଚାୟତର କେତେକ ୱାର୍ଡମେମ୍ବର ହୁଗୁଲାପଟା ସରପଞ୍ଚ ମାଲଣାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଦାବିକରି ବ୍ରହ୍ମପୁର ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ପଞ୍ଚାୟତ ଅନ୍ତର୍ଗତ ଗ୍ରାମଗୁଡିକର ବିକାଶ ତଥା ଉନ୍ନୟନମୂଳକ କାର୍ଯ୍ୟ ପାଇଁ ସରପଞ୍ଚ କେବଳ ନାମକୁ ମାତ୍ର ବୈଠକ ଡକାଇବା ସହ ସରକାରଙ୍କ ଦ୍ୱାରା ପ୍ରଦତ୍ତ ପାଣ୍ଠିର ଠିକ୍ ବିନିଯୋଗ ନ କରୁ ନ ଥିବା ନେଇ ଅଭିଯୋଗ କରିଥିଲେ। ତୁରନ୍ତ ସରପଞ୍ଚଙ୍କ ଅନାସ୍ଥା ପ୍ରସ୍ତାବକୁ କାର୍ଯ୍ୟକାରୀ କରିବାକୁ ଦାବି କରିଥିଲେ।

# ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷ

ବ୍ରହ୍ମପୁର ଅଫିସ,୧୩।୨

**ଗଞ୍ଜେଇ ଚାଲାଣ ମାମଲା**

ଗଞ୍ଜାମ ଜିଲା ଦୌରା ଜଜ ରାମ ଶଙ୍କର ହୋତା ଗୁରୁବାର ଏକ ଗଞ୍ଜେଇ ଚୋରା ଚାଲାଣ ମାମଲାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ଅଭିଯୁକ୍ତ ଅରୁଣ ଜେନାଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ପ୍ରକାଶଯେ, ୨୦୧୦ ଜୁନ ୧୭ରେ ବଡବଜାର ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଫାଷ୍ଟଗେଟ ନିକଟରେ ୨ ଜଣ ଯୁବକ ସନ୍ଦେହଜନକ ଭାବେ ଠିଆ ହୋଇଥିବା ଦେଖିବାକୁ ପାଇଥିଲା। ସେମାନଙ୍କ ନିକଟରେ ୬ ବ୍ୟାଗରେ ଗଞ୍ଜେଇ ଥିବା ପୋଲିସ ଦେଖିଥିଲା। ପୋଲିସ ଉକ୍ତ ବ୍ୟାଗ ଯାଞ୍ଚ କରିବା ବେଳେ ସେଥିରେ ଗଞ୍ଜେଇ ଭର୍ତ୍ତି ହୋଇଥିବା ଜାଣିବାକୁ ପାଇଥିଲା। ବ୍ୟାଗ ଭିତରୁ ୮୬ କେଜି ଅଫିମ ମଞ୍ଜି ଓ ୧୪ କେଜି ଗଞ୍ଜେଇ ଜବତ କରିଥିଲା। ନମ୍ବର ୭୦/୧୦ରେ ମାମଲା ରୁଜୁ କରି ପାଟପୁର ଥାନା ଅନ୍ତର୍ଗତ ଏରେଣ୍ଡ୍ରା ଗ୍ରାମର ଅରୁଣ ଜେନା (୪୦) ଓ ପଶ୍ଚିମବଙ୍ଗର ଫଟିକ ଘୋଷଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ତଦନ୍ତକାରୀ ଅଧିକାରୀ ତଥା ଉକ୍ତ ଥାନାର ତତ୍କାଳୀନ ଏସ୍‌ଆଇ ତେରେସ୍କୋଭା ମହାପାତ୍ର କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ଅଭିଯୁକ୍ତମାନେ ଜାମିନରେ ଥିବା ବେଳେ ୨୦୧୭ରେ ଏହି ମାମଲାର ବିଚାର ବେଳେ ଫଟିକ କୋର୍ଟରେ ହାଜର ହୋଇଥିଲେ। ପ୍ରମାଣ ଅଭାବରୁ ତାଙ୍କୁ ଜଜ ନିର୍ଦ୍ଦୋଷ ସାବ୍ୟସ୍ତ କରିଥିଲେ। ଅନ୍ୟପଟେ ଅରୁଣ କୋର୍ଟରେ ବିଚାର ବେଳେ ଅନୁପସ୍ଥିତ ଥିବାରୁ ତାଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲୁ) ଜାରି କରିଥିଲା। ଗତ ଜାନୁୟାରୀ ୧୫ରେ ପୋଲିସ ଅରୁଣଙ୍କୁ ଏନ୍‌ବିଡବ୍ଲ୍ୟୁ ବଳରେ ଗିରଫ କରି କୋର୍ଟଚାଲାଣ କରିଥିଲା। ଗୁରୁବାର ଅରୁଣଙ୍କୁ ମଣ୍ଡଳ କାରାଗାରରୁ ଅଣାଯାଇ ଜିଲା କୋର୍ଟରେ ହାଜର କରାଯାଇଥିଲା। ୭ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ଅଭାବରୁ ଅରୁଣଙ୍କୁ ଜଜ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସରକାରଙ୍କ ପକ୍ଷରୁ ପିପି ତ୍ରିଲୋଚନ ପରିଡା ଓ ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ମହେନ୍ଦ୍ର କୁମାର ଶତପଥୀ, ସରୋଜ ଗୌଡ଼ ଓ ଅନିଲ ପାଢ଼ୀ ମକଦ୍ଦମା ପରିଚାଳନା କରିଥିଲେ।

# ବ୍ରହ୍ମପୁରରେ ଜୁଡିସିଆଲ ଏକାଡେମୀର ୨୬ ଜଣିଆ ସଦସ୍ୟ

ବ୍ରହ୍ମପୁର ଅଫିସ,୧୩।୨

**ପରିଦର୍ଶନ କଲେ ସୁଧାର ଗୃହ ଓ ବାଳାଶ୍ରମ**


ସୁଧାର ଗୃହ ଓ ବାଳାଶ୍ରମ ପରିଦର୍ଶନରେ ଆସିଥିବା ଜୁଡିସିଆଲ ଏକାଡେମୀର ସଦସ୍ୟା ସଦସ୍ୟ ।

ନ୍ୟାୟ ପରିଷଦ (ଜୁଡିସିଆଲ ଏକାଡେମୀ) ସଦସ୍ୟା ଓ ସଦସ୍ୟମାନେ ଗୁରୁବାର ବ୍ରହ୍ମପୁରରେ ପହଞ୍ଚିଥିଲେ। ୧୫ ଜିଲାର ୨୬ ଜଣିଆ ଟିମ୍ ପ୍ରଥମେ ସୁଧାର ଗୃହରେ ରହୁଥିବା ବାଳ ଅପରାଧୀମାନଙ୍କୁ ଭେଟିଥିଲେ। ସେଠାରେ ସେମାନଙ୍କର ରହଣି, ଖାଦ୍ୟପେୟ, ସ୍ୱାସ୍ଥ୍ୟାବସ୍ଥା ଓ ସେମାନଙ୍କ ନାମରେ ଥିବା ମାମଲାଗୁଡିକର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ। ଏପରିକି ସେମାନେ ସମାଜର ମୁଖ୍ୟସ୍ରୋତକୁ କିପରି ଫେରି ଆସିବେ ସେ ନେଇ ଆଲୋଚନା କରିଥିଲେ ବୋଲି ଗଞ୍ଜାମ ଜିଲା ସଦସ୍ୟା ସବିତ୍ରୀ କୁମାରୀ ପଟ୍ଟନାୟକ ସୂଚନା ଦେଇଛନ୍ତି। ପରେ ସେମାନେ କେନ୍ଦ୍ରୀୟ ନାରୀ ସେବା ସଦନ ଯାଇଥିଲେ। ସେଠାରେ ରହୁଥିବା ଯୁବତୀ ଓ ମହିଳାଙ୍କୁ ଭେଟି ବିଭିନ୍ନ ସମସ୍ୟା ସମ୍ପର୍କରେ ବୁଝିଥିଲେ। ଶେଷରେ ଗୋଷାଣୀନୂଆଗାଁରେ ଥିବା ଶିଶୁ ଯତ୍ନ ଏବଂ ସୁରକ୍ଷା କେନ୍ଦ୍ର (ଉତ୍କଳ ବାଳାଶ୍ରମ) ପରିଦର୍ଶନରେ ଯାଇଥିଲେ। କେଉଁ ପରିବେଶ ଓ ପରିସ୍ଥିତିରେ ଅନ୍ତେବାସୀମାନେ ଉତ୍କଳ ବାଳାଶ୍ରମରେ ରହୁଛନ୍ତି, ସେମାନଙ୍କୁ ଠିକ୍ ଭାବେ ଖାଦ୍ୟ ଦିଆଯାଉଛି କି ନାହିଁ ଓ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ମଧ୍ୟ ଏହି କମିଟି ବୁଝିଥିଲେ। ଗଞ୍ଜାମ, ଗଜପତି, ବଲାଙ୍ଗୀର, ସମ୍ବଲପୁର, ପୁରୀ, କୋରାପୁଟ, ଖୋର୍ଦ୍ଧା, ମୟୂରଭଞ୍ଜ, କେନ୍ଦ୍ରାପଡା, ଝାରସୁଗୁଡା, ଯାଜପୁର, ଦେବଗଡ, ବରଗଡ, ବାଲେଶ୍ୱର ଓ ଅନୁଗୋଳ ଜିଲାରୁ ସଭ୍ୟା ଓ ସଭ୍ୟମାନେ ଆସିଥିଲେ। ୩ ଅନୁଷ୍ଠାନ ପରିଦର୍ଶନ କରି ସେଠାକାର ରିପୋର୍ଟ ସରକାରଙ୍କ ନିକଟକୁ ପଠାଯିବ ବୋଲି କହିଛନ୍ତି। ସମସ୍ତ ସଭ୍ୟା ଓ ସଭ୍ୟମାନେ କଟକ ସ୍ଥିତ ଜୁଡିସିଆଲ ଏକାଡେମୀ ଆଣ୍ଡ ଟ୍ରେନିଂ ସେଣ୍ଟରରୁ ଆସିଛନ୍ତି ବୋଲି ସବିତ୍ରୀ କହିଥିଲେ।

## ବିଜେଡି ନେତ୍ରୀ ମୀନାକ୍ଷୀ ମିଶ୍ର ଗୁରୁତର

କଟକ ଅଫିସ,୧୩।୨

**ଏସ୍‌ପି ଅଫିସ ଆଗରେ ଆତ୍ମାହୁତି ଘଟଣା**

ବ୍ରହ୍ମପୁର ଏସ୍‌ପିଙ୍କ କାର୍ଯ୍ୟାଳୟ ପରିସରରେ ଦେହରେ କିରୋସିନ ଢାଳି ଆତ୍ମାହୁତି ଉଦ୍ୟମ କରି ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିବା ବିଜେଡି ନେତ୍ରୀ ମୀନାକ୍ଷୀ ମିଶ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ତାଙ୍କ ଶରୀରର ୯୦ ପ୍ରତିଶତ ପୋଡି ଯାଇଥିବାରୁ ତାଙ୍କୁ ଏସ୍‌ସିବି ମେଡିକାଲର ଆଇସିୟୁରେ ରଖାଯାଇଛି। ରିପୋର୍ଟ ଲେଖାଯିବା ସୁଦ୍ଧା ସେ ଠିକ୍ ଭାବେ କଥାବାର୍ତ୍ତା କରିପାରୁନାହାନ୍ତି। ଡାକ୍ତରମାନେ ତାଙ୍କୁ ଉପଯୁକ୍ତ ଚିକିତ୍ସା ସେବା ଯୋଗାଇ ଦେଉଛନ୍ତି ବୋଲି ଏସ୍‌ସିବି ମେଡିକାଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ସୂଚନାଥାଉ କି, ପୁତ୍ର କୃତ୍ତିବାସ ମିଶ୍ର ଓରଫ ରାଜାଙ୍କୁ ଏକ ମିଥ୍ୟା ମାମଲାରେ ଗିରଫ କରାଯାଇଥିବା ପ୍ରତିବାଦରେ ବୁଧବାର ମୀନାକ୍ଷୀ ବ୍ରହ୍ମପୁର ଏସ୍‌ପିଙ୍କୁ ଭେଟିବାକୁ ଯାଇଥିଲେ। ଏସ୍‌ପି କୌଣସି କାମରେ ବ୍ୟସ୍ତ ଥିବାରୁ ତାଙ୍କୁ ଭେଟିପାରି ନ ଥିଲେ। ଏଏସ୍‌ପିଙ୍କୁ ଭେଟି ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ତାଙ୍କଠାରୁ ନ୍ୟାୟ ନ ପାଇବାରୁ ମୀନାକ୍ଷୀ ଏକ ବ୍ୟାଗରେ ଧରିଥିବା କିରୋସିନ ଦେହରେ ଢାଳି ନିଆଁ ଲଗାଇ ଦେଇଥିଲେ। ଚିକିତ୍ସାଲାଗି ତାଙ୍କୁ ପ୍ରଥମେ ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ମେଡିକାଲ ପରେ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା।

# ମହୁରି କାଳୁଆରେ ଭାଜପାର ସାଙ୍ଗଠନିକ ସମ୍ମିଳନୀ

ବ୍ରହ୍ମପୁର ଅଫିସ,୧୩।୨

ଗଞ୍ଜାମ ସାଙ୍ଗଠନିକ ଜିଲା ଭାଜପା ପକ୍ଷରୁ ବ୍ରହ୍ମପୁର ନିକଟ ମହୁରି କାଳୁଆ ପୀଠ ପରିସରରେ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଥିଲା। ଜିଲା ସଭାପତି ବିଭୁତି ଜେନାଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ସଂଗଠନକୁ ମଜଭୁତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବରିଷ୍ଠ ନେତା କାହ୍ନୁଚରଣ ପତିଙ୍କ ସମେତ ଗତ ସାଧାରଣ ନିର୍ବାଚନରେ ଛତ୍ରପୁର, ଚିକିଟି, ଦିଗପହଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀର ଭାଜପା ପ୍ରାର୍ଥୀମାନେ ଯୋଗ ଦେଇଥିଲେ। ଶିଶିର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ । ବୈଠକ ଆରମ୍ଭରେ ଗତ ରବିବାର ମେଣ୍ଢରାଜପୁର ନିକଟରେ ଚଳନ୍ତା ବସ୍ ଉପରେ ୧୧ କେଭି ବିଦ୍ୟୁତ୍ ତାର ଲାଗି ଜୀବନ ଯାଇଥିବା ୧୦ ଜଣଙ୍କ ଆତ୍ମାର ସଦ୍‌ଗତି କାମନା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଥିଲା।

ଚଳିତ ମାସ ୨୮ରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ଓଡ଼ିଶା ଗସ୍ତ ନେଇ ଆଲୋଚନା କରାଯାଇଥିଲା। ଭୁବନେଶ୍ୱରସ୍ଥ ଦଳୀୟ କର୍ମୀ ସମ୍ମିଳନୀରେ ଏହି ଜିଲାରୁ ଯେଭଳି ବହୁ ସଂଖ୍ୟକ ନେତା ଓ କାର୍ଯ୍ୟକର୍ତ୍ତା ଯୋଗଦେବେ ସେଥିପାଇଁ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ୫ ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୩୫ ମଣ୍ଡଳ ପାଇଁ ସଂଗଠନକୁ ଶକ୍ତିଶାଳୀ କରିବା ନିମନ୍ତେ ପର୍ଯ୍ୟବେକ୍ଷକଙ୍କ ନାମ ଘୋଷଣା କରାଯାଇଥିଲା। ଏଥିରେ ରାଜ୍ୟ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର, ମୁଖପାତ୍ର ଦିଲୀପ ମହାନ୍ତି, କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।

ଆଲୋଚନାରେ ଗୋପୀନାଥ ପଣ୍ଡା, ପ୍ରଶାନ୍ତ ନାୟକ, ରଶ୍ମିରାଣୀ ମହାପାତ୍ର, ସୁନୀଲ ସାହୁ, ପ୍ରଭାତ ଷଡ଼ଙ୍ଗୀ, ଶରତ ସାହୁ, ଏନ. ରାଜେନ୍ଦ୍ର କୁମାର, ସିଦ୍ଧାନ୍ତ ଗଙ୍ଗଦେବ, ରବୀନ୍ଦ୍ର ସାହୁ, ରାଜେଶ ସାହୁ, ଗଙ୍ଗାଧର ଶତପଥୀ, ଅମୂଲ୍ୟ ଚୌଧୁରୀ, ମଦନ ପାତ୍ର, ବନଜା ପଣ୍ଡା ଓ ଧରଣୀ ବେହେରା ପ୍ରମୁଖ ଭାଗ ନେଇଥିଲେ। ରାମ କୁମାର ପାତ୍ର, ଡ଼ା. ସୁବାସ ସାହୁ, ମହନ୍ତ ଚିନ୍ମୟାନନ୍ଦ, ସଞ୍ଜୟ ଚୌଧୁରୀ, ମନୋରଞ୍ଜନ ଦ୍ୟାନସାମନ୍ତରା, ପିଙ୍କି ପ୍ରଧାନ, ପ୍ରଶାନ୍ତ କର ଏବଂ ବିଭିନ୍ନ ମଣ୍ଡଳର ସଭାପତି ଓ ଅନ୍ୟମାନେ ଉପସ୍ଥିତ ଥିଲେ।



ମହୁରି କାଳୁଆରେ ଭାଜପାର ସାଙ୍ଗଠନିକ ସମ୍ମିଳନୀ।

# ଲକ୍ଷ୍ୟପ୍ରାପ୍ତିର ମୁଖ୍ୟ ହେଉଛି ଆଗ୍ରହ, ସଦିଚ୍ଛା

ବ୍ରହ୍ମପୁର ଅଫିସ, ୧୩।୨

ବିଏମ୍‌ସି କାର୍ଯ୍ୟାଳୟ ନିକଟସ୍ଥ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୪୯ତମ ପୁରସ୍କାର ବିତରଣ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଗଞ୍ଜାମ ଜିଲା ଶିକ୍ଷାଧିକାରୀ ଅମୂଲ୍ୟ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ବାର୍ଷିକ ମୁଖପତ୍ର ଅତିଥିଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା । ଲକ୍ଷ୍ୟ ପ୍ରାପ୍ତିର ମୁଖ୍ୟ ଚାବିକାଠି ହେଉଛି ଆଗ୍ରହ ଓ ସଦିଚ୍ଛା ବୋଲି ଜିଲା ଶିକ୍ଷାଧିକାରୀ ପ୍ରଧାନ ଛାତ୍ରୀଙ୍କୁ ବୁଝାଇଥିଲେ । ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବେହେରା ଅତିଥି ପରିଚୟ ଓ ବିବରଣୀ ପାଠ କରିଥିଲେ । ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଡ଼ିଏ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା, ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀ ଡ଼. ପ୍ରଭାତୀ ମହାପାତ୍ର, ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ଡ଼. ସବିତାରାଣୀ ଦାଶ, ହିମାଂଶୁ କୁମାର ପଟ୍ଟନାୟକ, ନବୀନ ପାଢ଼ୀଙ୍କ ସମେତ ଅନ୍ୟ ଅତିଥି ମଞ୍ଚାସୀନ ଥିଲେ । ବିଭିନ୍ନ ପ୍ରକାର କ୍ରୀଡ଼ା, ସାଂସ୍କୃତିକ କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀ ଓ ଦଶମ ଶ୍ରେଣୀ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା । ଗାହାଣୀ ମାଧ୍ୟମରେ ଛାତ୍ରୀମାନେ କନ୍ୟାରତ୍ନ ଓ ଭ୍ରୂଣ ହତ୍ୟା ସମ୍ବନ୍ଧରେ ସଚେତନ କରାଇବା ସହ ସମାଜକୁ ଏକ ସୁନ୍ଦର ବାର୍ତ୍ତା ଦେଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ଅଭିଭାବକ, ଛାତ୍ରୀ, ସ୍କାଉଟ, ଏନ୍‌ସିସି ସହଯୋଗ କରିଥିଲେ ।

# ଭାଲେଣ୍ଟାଇନ୍ସ ଡେ'କୁ ଶହୀଦ ଦିବସ ଭାବେ ପାଳନ୍ତୁ ଯୁବପିଢ଼ି



ବୈଠକରେ ମଞ୍ଚାସୀନ ସଂଘ କର୍ମକର୍ତ୍ତା ।

ବ୍ରହ୍ମପୁର ଅଫିସ,୧୩।୨

**ବଜରଙ୍ଗଦଳର ବୈଠକ**

ଭାଲେଣ୍ଟାଇନ ଡେ ପାଳନ କରିବାକୁ ଯୁବପିଢି ଶୁକ୍ରବାର ପ୍ରସ୍ତୁତ ହେଉଥିବା ବେଳେ ଏହି ଦିବସକୁ ଶହୀଦ ଦିବସ ଭାବେ ପାଳନ କରିବାକୁ ବଜରଙ୍ଗ ଦଳ ନିବେଦନ କରିଛି । ଗୁରୁବାର ବଜରଙ୍ଗ ଦଳ ଗଞ୍ଜାମ ଜିଲା ଶାଖା ପକ୍ଷରୁ ନୂଆବସ୍ତିଷ୍ଟାଣ୍ଡ ନିକଟସ୍ଥ ବିଶ୍ୱହିନ୍ଦୁ ପରିଷଦ କାର୍ଯ୍ୟାଳୟରେ ଆୟୋଜିତ ବୈଠକରେ ଏଭଳି ନିବେଦନ କରାଯାଇଛି । ୨୦୧୯ ଫେବୃୟାରୀ ୧୪ ଭାଲେଣ୍ଟାଇନ୍ସ ଡେରେ ଜମ୍ମୁ କାଶ୍ମୀର ପୁଲୱାମାରେ ଆତଙ୍କବାଦୀଙ୍କ ଆକ୍ରମଣରେ ୪୦ରୁ ଊର୍ଦ୍ଧ୍ୱ ଯବାନ ଶହୀଦ ହୋଇଥିଲେ। ତେଣୁ ଯୁବପିଢି ବିଦେଶୀ ଅପସଂସ୍କୃତିକୁ ଛାଡି ଭାଲେଣ୍ଟାଇନ୍ସ ଡେ ପାଳନ ପରିବର୍ତ୍ତେ ଶହୀଦ ଯବାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶହୀଦ ଦିବସ ପାଳନ କରିବାକୁ ଦଳ ପକ୍ଷରୁ କୁହାଯାଇଛି । ଏନେଇ ଶୁକ୍ରବାର ଯୁବପିଢିଙ୍କୁ ଦଳ ପକ୍ଷରୁ ପ୍ଲାକାର୍ଡ ଧରି ହିନ୍ଦୁ ସଂସ୍କୃତି ସମ୍ପର୍କରେ ସଚେତନ କରାଯିବ ବୋଲି ବୈଠକରେ ସୂଚାଯାଇଥିଲା । ବୈଠକରେ ବଜରଙ୍ଗ ଦଳ ସଂଯୋଜକ ନୀଳାଞ୍ଚଳ ବିଷୋୟୀ, ଜିଲା ସଂଯୋଜକ ରାହୁଲ ପାତ୍ର, ମହାନଗର ସଂଯୋଜକ ଭବାନୀ ଶଙ୍କର ଦାଶ, ବିଶ୍ୱ ହିନ୍ଦୁ ପରିଷଦ କାର୍ଯ୍ୟକାରୀ ସଭାପତି ଅରୁଣ ପାଢୀ, ସମ୍ପାଦକ ଶିବଦତ୍ତ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ସୁନୀଲ ଚୌଧୁରୀ, ବଳରାମ ମହାରଣା, ଗଣେଷ ସାହୁ ଓ ଶିବଦତ୍ତ ଦାଶଙ୍କ ସମେତ ସଂଘର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପ୍ରେମ ବିଶ୍ୱାସ, ଭରସାର ସୂତା ଖିଅ

**ପ୍ରେମ ପାଇଁ ଦିନଟିଏ**

ଆବହମାନ କାଳରୁ ପ୍ରେମ ଚିର ଶାଶ୍ୱତ ଓ ଚିରନ୍ତନ। ମିଳିଗଲେ ସ୍ୱର୍ଗ ଆଉ ନ ମିଳିଲେ ହୋଇଯାଏ ନର୍କ। ଶାଶ୍ୱତ ପ୍ରେମର ସଂଜ୍ଞା ଅର୍ଥହୀନ। ପ୍ରେମର ଭାଷା ଓ ପରିଭାଷା ବର୍ଣ୍ଣନା କରିବା ଭାରି କଷ୍ଟ। ପ୍ରେମ ଆତ୍ମା, ହୃଦୟରୁ ହୁଏ। ପ୍ରେମ ଅନ୍ଧ, ପ୍ରେମ ଶାଶ୍ୱତ। ରୋମିଓ ଜୁଲିଏଟ, ଲୈଲା ମଜନୁ, ଶାହାଜାହନ ମମତାଜଙ୍କ ପ୍ରେମ ଗାଥା ଇତିହାସ ଗାଏ। ପ୍ରତିବର୍ଷ ଫେବୃୟାରୀ ୭ ରୁ ୧୪ ପର୍ଯ୍ୟନ୍ତ ଏକ ସପ୍ତାହକୁ ପ୍ରେମ ସପ୍ତାହ କୁହାଯାଏ। ଫେବୃୟାରୀ ୧୪ ତାରିଖକୁ ପ୍ରତିବର୍ଷ ଭାଲେଣ୍ଟାଇନ୍ସ ଡ଼େ ଭାବେ ପାଳନ କରାଯାଏ। ସପ୍ତାହଟି ପ୍ରେମ ପାଇଁ ସମର୍ପଣ କରାଯାଇଛି। ହେଲେ ବଦଳିଛି ପ୍ରେମର ପରିଭାଷା ଓ ସଂଜ୍ଞା। ପ୍ରେମର ଅର୍ଥ ଆଜି କେବଳ ବିବାହରେ ସୀମିତ ହୋଇ ରହିଛି ତ କାହା ପାଇଁ ଉପଭୋଗ୍ୟ ହୋଇଯାଇଛି। କିଏ ପ୍ରତିଶୋଧ ପରାୟଣ ହୋଇ ବିଭିନ୍ନ ନାରକୀୟ କାଣ୍ଡ ଘଟାଇଥାନ୍ତି। ତଥାପି ବଞ୍ଚି ରହିଛି ପ୍ରକୃତ ପ୍ରେମ। ପ୍ରେମ ବିଶ୍ୱାସ ଓ ଭରସାର ସୂତାଖିଅଟିଏ। ପ୍ରେମ ଯୁଗେ ଯୁଗେ ଅମର ଓ ପବିତ୍ର।

**ସେମାନେ ଯାହା କୁହନ୍ତି**


ପ୍ରେମ କେବଳ ଭାଗ୍ୟରେ ଥିଲେ ମିଳିଥାଏ । ପ୍ରେମ ଅର୍ଥ ବିଶ୍ୱାସ ଓ ଭରସା । ପ୍ରେମକୁ ବଢ଼ାଇବା ପାଇଁ ପ୍ରେମ ଦିବସ ପାଳନ କରିବା ଉଚିତ ।

**-ଶିବରାମ ବେହେରା, ଛାତ୍ର**


ପ୍ରେମ ଦିବସ ପାଳନ ନ କରି ବସ୍ ଟ୍ରାଜେଡ଼ିରେ ମୃତ୍ୟୁ ଘଟିଥିବା ଲୋକଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଦୀପଟିଏ ଜାଳିବା ଉଚିତ ।

**– ସ୍ୱପ୍ନାରାଣୀ ପଣ୍ଡା, ଗୃହିଣୀ**


ପ୍ରେମ ଦିବସ ପାଳନ କରିବା ଉଚିତ । ପ୍ରେମ କେବଳ ଝିଅ ପୁଅ ଓ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ହୋଇ ନ ଥାଏ । ତେଣୁ ନିଜ ନିଜ କର୍ତ୍ତବ୍ୟ କରି ପ୍ରେମ ଦିବସ ପାଳନ କରିବା ଉଚିତ ।

**– ମଙ୍ଗୁଲୁ ଚରଣ ପାଣିଗ୍ରାହୀ, ଶିକ୍ଷକ**


ପ୍ରେମ ଦିବସ ପାଳନ କରିବା ଉଚିତ । ପ୍ରେମ ପାଇଁ ଦିନଟିଏ ସମର୍ପିତ କରାଯାଇଛି। ପ୍ରେମ ପବିତ୍ର ଓ ଆତ୍ମାରୁ ହେବା ଆବଶ୍ୟକ।

**– ନିଲମ ପାତ୍ର, ଗୃହିଣୀ**


ପ୍ରେମ ବିଶ୍ୱାସ ଓ ଭରସାର ସୂତାଖିଅ । ପ୍ରେମ ଅନ୍ଧ ହୋଇଥାଏ । ପ୍ରେମ ଜାତି, ବର୍ଣ୍ଣ, ସୁନ୍ଦର ଓ ଅସୁନ୍ଦର କିଛି ଦେଖେ ନାହିଁ। ମନ ସହ ମନ ଓ ହୃଦୟ ସହ ହୃଦୟ ମିଶିଗଲେ ପ୍ରେମ ହୋଇଯାଏ । ପ୍ରେମ ଦିବସ ନିଜ ପରମ୍ପରା ଓ ସଭ୍ୟତା ଭିତରେ ରହି କରିବା ଉଚିତ ।

**-ଆକାଶ ମୁନି, ଛାତ୍ର**

## ରାଜାଙ୍କୁ ଅନ୍ତରୀଣ ଜାମିନ

ବ୍ରହ୍ମପୁର ଅଫିସ,୧୩।୨

ଏକ ଆକ୍ରମଣ ମାମଲାରେ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିବା ରାଜା ଓରଫ କୃତ୍ତିବାସ ମିଶ୍ରଙ୍କୁ ଗୁରୁବାର ଅନ୍ତରୀଣ ଜାମିନ ମିଳିଛି। ଅତିରିକ୍ତ ଜିଲା ଦୌରା ଜଜ (ଏଡିଜେ)-୧ ଡ଼. ପ୍ରସନ୍ନ କୁମାର ପଣ୍ଡା ୪ଟି ସର୍ତ୍ତରେ ରାଜାଙ୍କୁ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ରାଜାଙ୍କୁ ମିଥ୍ୟା ମାମଲାର ପୋଲିସ ଗିରଫ କରିଥିବା ପ୍ରତିବାଦରେ ତାଙ୍କ ମା'ମୀନାକ୍ଷୀ ମିଶ୍ର ବୁଧବାର ବ୍ରହ୍ମପୁର ଏସ୍‌ପିଙ୍କ କାର୍ଯ୍ୟାଳୟ ପରିସରରେ ଦେହରେ କିରୋସିନ ଢାଳି ଆତ୍ମାହୁତି ଉଦ୍ୟମ କରିଥିଲେ। ସେ କଟକ ବଡ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ଏଣୁ ରାଜାଙ୍କ ତରଫରୁ ତାଙ୍କ ଓକିଲ ଗୁରୁବାର ଏଡିଜେଙ୍କ କୋର୍ଟରେ ଜାମିନ ପାଇଁ ଆଗୁଆ ପିଟିଶନ ଦାଖଲ କରିଥିଲେ। କୋର୍ଟରେ ସରକାରୀ ଓକିଲ ଅନିଲ ସାହୁ ଓ ମୁଦାଲାଙ୍କ ଓକିଲ ଦୀପକ ପଟ୍ଟନାୟକଙ୍କ ମଧ୍ୟରେ ଜବାବ ସୁଆଲ ହୋଇଥିଲା। ଏହାର ଶୁଣାଣି କରି ଏଡିଜେ -୧ ପଣ୍ଡା ଅଭିଯୁକ୍ତ ରାଜାଙ୍କୁ ସର୍ତ୍ତମୂଳକ ଅନ୍ତରୀଣ ଜାମିନ ଦେବା ସହ ଆସନ୍ତା ୨୫ ତାରିଖରେ ଏସ୍‌ଡ଼ିଜେଏମ୍‌ଙ୍କ କୋର୍ଟରେ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ରାଜାଙ୍କ ଓକିଲ ଦୀପକ ପଟ୍ଟନାୟକ କହିଛନ୍ତି।

## ସଂକ୍ଷେପରେ

### ଫଲ୍‌ଗୁର ସାହିତ୍ୟ ଆସର

**ବ୍ରହ୍ମପୁର ଅଫିସ, ୧୩।୨:** ଫଲଗୁ ସାହିତ୍ୟ ସଂସଦର ମାସିକ ସାହିତ୍ୟ ଆସର କାର୍ଯ୍ୟକ୍ରମ ଉତ୍କଳ ଆଶ୍ରମ ସଭା କକ୍ଷରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଡ଼. ଚନ୍ଦ୍ରମଣି ସ୍ୱାଇଁ ପୌରୋହିତ୍ୟ କରିଥିବା ବେଳେ ସହ ସମ୍ପାଦକ ଡ଼. ସାଗର ରଞ୍ଜନ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ। ବିପ୍ଳବୀ କବି ରବି ସିଂଙ୍କୁ କାର୍ଯ୍ୟକ୍ରମକୁ ସମର୍ପଣ କରାଯାଇଛି। ସଂସଦ ସଦସ୍ୟମାନେ ନୀରବ ପ୍ରାର୍ଥନା କରି ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ଶରତ କୁମାର ଦାଶ କବିତା, ଗଳ୍ପ ସଂଯୋଜନା କରିଥିବା ବେଳେ ଡ଼. ସୂଚନା ପାଢ଼ୀ ଏହାର ସମୀକ୍ଷା ଉପସ୍ଥାପନା କରିଥିଲେ। ସୁରେଶ ଚନ୍ଦ୍ର ମହାପାତ୍ର, ଆଶୁତୋଷ ପାତ୍ରଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଯୁଗ୍ମ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ଧନ୍ୟବାଦ ଅର୍ପଣ କରିଥିଲେ।

### ତ୍ରିପୁରାରି ସାବତଙ୍କ ପଞ୍ଚମ ଶ୍ରାଦ୍ଧବାର୍ଷିକୀ

**ବ୍ରହ୍ମପୁର ଅଫିସ୍, ୧୩।୨:** ସ୍ଥାନୀୟ ଭଞ୍ଜ ମଣ୍ଡପରେ ଜାତୀୟ ସଙ୍ଗୀତ କଳା କେନ୍ଦ୍ର ପକ୍ଷରୁ କଳା କେନ୍ଦ୍ର ପ୍ରତିଷ୍ଠାତା ସମ୍ପାଦକ ତ୍ରିପୁରାରି ସାବତଙ୍କ ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଦେବୀ ପ୍ରସାଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ପ୍ରଫେସର କୃଷ୍ଣ ଚନ୍ଦ୍ର ଜେନା ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତା ଦେବୀପ୍ରସାଦ ମହାପାତ୍ରଙ୍କ ସମେତ ପ୍ରଫୁଲ୍ଲ କୁମାର ମହାପାତ୍ର, ଶିକ୍ଷାବିତ୍ ହାଡିବନ୍ଧୁ ମାଳୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

### ଭାଗବତ ଟୁଙ୍ଗିରେ ଚବିଶ ପ୍ରହର ନାମଯଜ୍ଞ

**ବ୍ରହ୍ମପୁର ଅଫିସ,୧୩।୨:** ରଙ୍ଗେଇଲୁଣ୍ଡା ବ୍ଲକ ସାତକୁଟୁଣୀ ପଞ୍ଚାୟତ ଝାଡ଼ାଙ୍କୁଲି ଗ୍ରାମର ବିଜେସ୍ଥଳୀ ଭାଗବତ ଟୁଙ୍ଗିରେ ଗୁରୁବାର ଚବିଶ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ନାମଯଜ୍ଞ ଚାରି ଦିନ ଧରି ଚାଲିବ। ସନାତନ ଦାସ ଓ ଉଦ୍ଧବ ଚରଣ ଦାସ ପୁରାଣ ପଣ୍ଡା ଭାବେ ଆମନ୍ତ୍ରିତ ହୋଇଛନ୍ତି। ଟୁଙ୍ଗି ସଭାପତି ଜଗୁ ସାହୁ, ସମ୍ପାଦକ ଚନ୍ଦ୍ରମଣି ମହାରଣା, ଉଲ୍ଲା ସାହୁ, କୋଷାଧ୍ୟକ୍ଷ କାର୍ତ୍ତିକ ସାହୁ, ସୁରେନ୍ଦ୍ର ସାହୁ ଓ କାମା ସାହୁ ଉପସ୍ଥିତ ଥିଲେ। ଉପଦେଷ୍ଟା ସଞ୍ଜୀବ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ହରିଶ୍ଚନ୍ଦ୍ର ଯୋଜନା ସହାୟତା ବଣ୍ଟନ

**ପାଟପୁର, ୧୩।୨:** ସାନଖେମୁଣ୍ଡି ବ୍ଲକ ଆଡ଼ପଡା ପଞ୍ଚାୟତ କାର୍ଯ୍ୟାଳୟରେ ଗୁରୁବାର ରାଜ୍ୟ ସରକାରଙ୍କ ହରିଶ୍ଚନ୍ଦ୍ର ଯୋଜନାରେ ହିତାଧିକାରୀମାନଙ୍କୁ ସହାୟତା ବଣ୍ଟନ କରାଯାଇଛି। ସରପଞ୍ଚ ନୀଳମାଧବ ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ କାଯ୍ୟକ୍ରମରେ ସମିତିସଭ୍ୟ ସୁରେନ୍ଦ୍ର ବାରିକ, ନିର୍ବାହୀ ଅଧିକାରୀ ଶଙ୍କର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ପଞ୍ଚାୟତର ୨୫ ହିତାଧିକାରୀଙ୍କୁ ଅନ୍ତିମ ସଂସ୍କାର ବାବଦରେ ପ୍ରତ୍ୟେକଙ୍କୁ ୨ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ଦିଆଯାଇଥିଲା।

# ଇ-ଚାଲାଣରେ ଟ୍ରାଫିକ୍ ସମସ୍ୟା ସୁଧାରିବାକୁ ପ୍ରୟାସ

**ବିଏମ୍‌ସିର ଆଇଟିଏମ୍‌ଏସ୍, ସିଟି ସର୍ଭିଲାନ୍ସ ବ୍ୟବସ୍ଥା**



- ମାସକରେ ଟ୍ରାଫିକ ପୋଲିସ ଆଦାୟ କରିଛି ୨୫,୭୬,୦୦୦ ଜରିମାନା
- ୫୩ ନିୟମ ଉଲ୍ଲଂଘନକାରୀଙ୍କ ସସ୍‌ପେନସନ ହୋଇଛି ଡିଏଲ୍

ବ୍ରହ୍ମପୁର ଅଫିସ,୧୩।୨

ସ୍ୱଚ୍ଛ, ସୁନ୍ଦର, ସ୍ମାର୍ଟ ସହର ହେବ ବ୍ରହ୍ମପୁର। ଏନେଇ ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ବହୁ ପଦକ୍ଷେପ ଗ୍ରହଣ କରାଯାଇଛି। ସହରର ଟ୍ରାଫିକ ସମସ୍ୟା ସୁଧାରିବା ନେଇ ବିଏମ୍‌ସି ପକ୍ଷରୁ ସହରରେ ଇଣ୍ଟିଗ୍ରେଟେଡ ଟ୍ରାଫିକ ମ୍ୟାନେଜମେଣ୍ଟ ସିଷ୍ଟମ(ଆଇଟିଏମ୍‌ଏସ୍) ଓ ସିଟି ସର୍ଭିଲାନ୍ସ ସିଷ୍ଟମ ଆରମ୍ଭ ହୋଇଛି। ତେବେ ଏହି ବ୍ୟବସ୍ଥାରେ ଟ୍ରାଫିକ ପୋଲିସ ଓ ଆରଟିଓଙ୍କ ପକ୍ଷରୁ ନିୟମ ଉଲ୍ଲଂଘନକାରୀଙ୍କ ଉପରେ ଇ-ଚାଲାଣ ମାଧ୍ୟମରେ ଜରିମାନା ଆଦାୟ କରାଯାଉଛି। ଇ-ଚାଲାଣ ମାଧ୍ୟମରେ ସହରର ଟ୍ରାଫିକ ସମସ୍ୟା ସୁଧାରିବାକୁ ପ୍ରୟାସ କରାଯାଉଥିବା ଟ୍ରାଫିକ ପୋଲିସ ପକ୍ଷରୁ କୁହାଯାଇଛି। ଗତ ଏକମାସ ମଧ୍ୟରେ ଲକ୍ଷାଧିକ ଟଙ୍କାର ବିଭିନ୍ନ ବାବଦରେ ଇ-ଚାଲାଣ ମଧ୍ୟ କଟାଯିବା ସହ ଜରିମାନା ଆଦାୟ କରାଯାଇଛି।

ସୂଚନାଯୋଗ୍ୟ, ବ୍ରହ୍ମପୁରରେ ଟ୍ରାଫିକ ସମସ୍ୟାରେ ସୁଧାର ଆଣିବା ନେଇ ୨୦୧୯ ଅଗଷ୍ଟରେ ବିଏମ୍‌ସି ପକ୍ଷରୁ ସହରର ଟାଟାବେଞ୍ଜ, କମାପଲ୍ଲୀ, କୋର୍ଟପେଟା, ଗେଟ୍‌ବଜାର, ପିଭିଏନରାଓ ପ୍ରମୁଖ ୫ ଛକରେ ଇଣ୍ଟିଗ୍ରେଟେଡ ଟ୍ରାଫିକ ମ୍ୟାନେଜମେଣ୍ଟ ସିଷ୍ଟମ(ଆଇଟିଏମ୍‌ଏସ୍) ବ୍ୟବସ୍ଥା କାର୍ଯ୍ୟକ୍ଷମ ହୋଇଥିଲା। ଏହାର ମୁଖ୍ୟ କଣ୍ଟ୍ରୋଲରୁମ ବିଏମ୍‌ସି କାର୍ଯ୍ୟାଳୟରେ ରଖାଯାଇଥିବା ବେଳେ ଅବିକଳ ଅନ୍ୟ ଦୁଇ କଣ୍ଟ୍ରୋଲରୁମ ବ୍ରହ୍ମପୁର ଏସ୍‌ପି ଅଫିସ, ଆରଟିଓ କାର୍ଯ୍ୟାଳୟରେ ରଖାଯାଇଥିଲା। ଏହାର ସଫଳ କାର୍ଯ୍ୟକ୍ଷମ ପରେ ଜାନୁୟାରୀ ପହିଲାରୁ ଆପରାଧିକ କାର୍ଯ୍ୟକଳାପ ଉପରେ ରୋକ ଲଗାଇବା ସହ ଦ୍ରୁତ ଗାଡିଚାଳନା, ରଙ୍ଗସାଇଡ୍ ଚାଳନା ଓ ବେପରୁଆ ଗାଡିଚାଳକଙ୍କ ଉପରେ ନିୟନ୍ତ୍ରଣ ଆଣିବା ପାଇଁ ସହରର ଅନ୍ୟ ୨୪ ଛକରେ ସିଟି ସର୍ଭିଲେନ୍ସ ସିଷ୍ଟମ ବ୍ୟବସ୍ଥାକୁ କାର୍ଯ୍ୟକ୍ଷମ କରାଯାଇଥିଲା। ସହରର ଫାଷ୍ଟଗେଟ, ଲାଞ୍ଜିପଲ୍ଲୀ ବାଇପାସ୍, ବିଜିପୁର, ନୂଆବସଷ୍ଟାଣ୍ଡ, ହରିଡାଖଣ୍ଡି ଛକ, ସୁବାରାଓ ଛକ ଭଳି ପ୍ରମୁଖ ୨୪ ଛକରେ ୮୭ ଇଣ୍ଟିଗ୍ରେଟେଡ କ୍ୟାମେରା ଲଗାଯାଇଥିଲା। ଏଗୁଡିକ ପୂର୍ବରୁ କାର୍ଯ୍ୟକ୍ଷମ ହୋଇଥିବା ଆଇଟିଏମ୍‌ଏସ୍ ସିଷ୍ଟମ ସହ ସଂଯୋଗ କରାଯାଇଥିଲା। ତେବେ ଇତି ମଧ୍ୟରେ ସିଟି ସର୍ଭିଲେନ୍ସ ସିଷ୍ଟମ କାର୍ଯ୍ୟକ୍ଷମ ହେବାର ଏକମାସରୁ ଉର୍ଦ୍ଧ୍ୱ ସମୟ ବିତିଛି।

ଇତିମଧ୍ୟରେ ବିଏମ୍‌ସି ପକ୍ଷରୁ ସିଟି ସର୍ଭିଲେନ୍ସ ସିଷ୍ଟମ ଜରିଆରେ କେବଳ ରାସ୍ତାରେ ଆବର୍ଜନା ପକାଇବା, ଡଷ୍ଟବିନ ବ୍ୟବହାର ନ କରିବା, ପଲିଥିନ ବ୍ୟବହାର କରୁଥିବା ଦୋକାନୀ ତଥା ବ୍ୟବସାୟୀ ଚିହ୍ନଟ କରାଯାଇ ସେମାନଙ୍କୁଠାରୁ ଜରିମାନା ଆଦାୟ କରାଯାଇଛି। ବିଏମ୍‌ସି କମିଶନର ଚକ୍ରବର୍ତ୍ତୀ ସିଂ ରାଠୋରଙ୍କ ପକ୍ଷରୁ ମିଳିଥିବା ସୂଚନା ପ୍ରକାରେ, ଜାନୁୟାରୀରେ ୪୭ରୁ ଉର୍ଦ୍ଧ୍ୱ ବ୍ୟବସାୟୀ ତଥା ଦୋକାନୀଙ୍କଠାରୁ ରାସ୍ତାରେ ଆବର୍ଜନା ପକାଇବା, ପଲିଥିନ ବ୍ୟବହର କରିବା, ଡଷ୍ଟବିନ ବ୍ୟବହାର ନ କରିବା ନେଇ ପ୍ରାୟ ୨.୫ ଲକ୍ଷ ଟଙ୍କାର ଜରିମାନା ଆଦାୟ କରାଯାଇଛି। କିନ୍ତୁ ଟ୍ରାଫିକ ପୋଲିସ ଓ ଆରଟିଓଙ୍କ ପକ୍ଷରୁ ରଙ୍ଗସାଇଟ୍, ନୋ ଏଣ୍ଟ୍ରି ସମୟରେ ଭାରିଯାନ ପ୍ରବେଶ, ଦ୍ରୁତଗାଡି ଚାଳନା, ଟ୍ରିପଲ ରାଇଡିଂ, ମୋବାଇଲ କଥା ହୋଇ ଗାଡିଚାଳନା ବାବଦରେ କେବଳ ଇ-ଚାଲାଣ କଟାଯାଉଥିବା ନେଇ ସୂଚନା ମିଳିଛି। ଏନେଇ ଟ୍ରାଫିକ ଡିଏସପି ସାର୍ଥକ ରାଏ କହିଛନ୍ତି, ସଡକ ସୁରକ୍ଷା ସପ୍ତାହ ପାଳନ ଅବସରରେ ସଡକ ସୁରକ୍ଷା ଦିଗରେ ସହରବାସୀଙ୍କୁ ଟ୍ରାଫିକ ନିୟମ ସମ୍ପର୍କରେ ସଚେତନତା କରାଯାଇଛି। ବିଏମ୍‌ସି ପକ୍ଷରୁ କାର୍ଯ୍ୟକ୍ଷମ କରାଯାଇଥିବା ଆଇଟିଏମ୍‌ଏସ୍, ସିଟି ସର୍ଭିଲେନ୍ସ ସିଷ୍ଟମ ସୂଚନା ପ୍ରକାରେ ଗତ ଏକମାସ ମଧ୍ୟରେ ରଙ୍ଗସାଇଟ୍, ନୋ ଏଣ୍ଟ୍ରି ସମୟରେ ଭାରିଯାନ ପ୍ରବେଶ, ଦ୍ରୁତଗାଡି ଚାଳନା, ଟ୍ରିପଲ ରାଇଡିଂ, ମୋବାଇଲ କଥା ହୋଇ ଗାଡିଚାଳନା ବାବଦରେ ଇ-ଚାଲାଣ କଟାଯାଇ ୨୫ ଲକ୍ଷ ୭୬ ହଜାର ଟଙ୍କା ଜରିମାନା ବାବଦକୁ ସଂଗ୍ରହ କରାଯାଇଛି। ଏହାବ୍ୟତୀତ ଟ୍ରାଫିକ ନିୟମ ଉଲ୍ଲଂଘନ କରିଥିବାରୁ ୫୩ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ (ଡିଏଲ) ସସପେନ୍‌ସନ୍ ପାଇଁ ଆରଟିଓଙ୍କ ନିକଟକୁ ପଠାଯାଇଛି। ଏଥିସହ ଟ୍ରାଫିକ ନିୟନ୍ତ୍ରଣ ପାଇଁ ସହରରେ ଟ୍ରାଫିକ କନଷ୍ଟେବଲଙ୍କ ସହ ୧୫୦ କର୍ମଚାରୀଙ୍କୁ ୩ ସିଫ୍ଟରେ ନିୟୋଜିତ କରାଯାଇଛି। ମାର୍ଚ୍ଚରୁ ପୁଣି ପ୍ରଶାସନ ପକ୍ଷରୁ ଡ୍ରାଇଭିଂ ଲାଇସେନ୍ସ, ଟ୍ରାଫିକ ନିୟମକୁ କଡାକଡି କରାଯିବା ନେଇ କୁହାଯାଉଛି।

### ଖଲ୍ଲିକୋଟ ମହାବିଦ୍ୟାଳୟରେ ଜାତୀୟ ସେମିନାର

ବ୍ରହ୍ମପୁର ଅଫିସ, ୧୩।୨

ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟର ଦର୍ଶନଶାସ୍ତ୍ର ବିଭାଗ ଆନୁକୂଲ୍ୟରେ ଏକ ଜାତୀୟ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ନୂଆଦିଲ୍ଲୀ ଆଇସିପିଆର ପ୍ରଯୋଜନାରେ ଫେନୋମୋଲୋଜି ସାଇନ୍ସ ଅଫ୍ ସାଇନ୍ସେସ୍‌କୁ ନେଇ ଏକ ଦିବସୀୟ ପାଠଚକ୍ର ଆୟୋଜିତ ହୋଇଛି। ମୁଖ୍ୟ ଅତିଥି ଭାବେ ଆଲ୍ଲାହାବାଦ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଅଧ୍ୟାପକ ଡ଼. ସୂର୍ଯ୍ୟକାନ୍ତ ମହାରଣା ମୁଖ୍ୟ ପ୍ରସଙ୍ଗ ଓ ପ୍ରଫେସର ପ୍ରତିଭା ହୋତା ଏହାର ମେଥଡ୍ ଉପରେ ଆଲୋକପାତ କରିଥିଲେ। ଗୋଦାବରୀଶ ମହାବିଦ୍ୟାଳୟର ଅଧ୍ୟାପିକା ଡ଼. ଅନିତା ଦଳେଇ ଫେନୋଲୋଜିମ ମଧ୍ୟରେ ଥିବା ପ୍ରଭେଦକୁ ବୁଝାଇଥିଲେ। ପ୍ରଫେସର ସତ୍ୟ ରଞ୍ଜନ ମିଶ୍ର, ଅଚ୍ୟୁତାନନ୍ଦ ଭୂୟାଁ ସହଯୋଗ କରିଥିଲେ। ପ୍ରଶ୍ନୋତ୍ତର ମାଧ୍ୟମରେ ଛାତ୍ରୀଛାତ୍ରମାନେ ବିଭିନ୍ନ ତଥ୍ୟ ଜାଣିବାକୁ ପାଇଥିଲେ।

> ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଅଲ୍‌ଟ୍ରାସାଉଣ୍ଡକୁ ପିପିପି ମୋଡ୍‌ରେ ଚଲାଇବାକୁ ପ୍ରସ୍ତାବ

**ଏମ୍‌କେସିଜିର ସ୍ୱାସ୍ଥ୍ୟ ସମିତି ବୈଠକ**

- ଡାଏଲିସିସ ୱାର୍ଡରେ ୨୪ ଘଣ୍ଟିଆ ସେବା ଯୋଗାଇବାକୁ ଗୁରୁତ୍ୱ

ବ୍ରହ୍ମପୁର ଅଫିସ,୧୩।୨



ସ୍ୱାସ୍ଥ୍ୟ ସମିତି ବୈଠକରେ ଉପସ୍ଥିତ ଆରଡିସି, ଜିଲାପାଳ ଓ ଅନ୍ୟଅଧିକାରୀ।

ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍‌ପିଟାଲର ସ୍ୱାସ୍ଥ୍ୟ ବିକାଶ ସମିତି ବୈଠକ ମେଡିକାଲ କଲେଜର ଟେଲିମେଶିନ କକ୍ଷରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ତଥା ସ୍ୱାସ୍ଥ୍ୟ ବିକାଶ ସମିତି ଚେୟାରମ୍ୟାନ ଟି ଆପାଙ୍ଗ ଆଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କ ସମେତ ମେଡିକାଲ ଶିକ୍ଷା ଓ ତାଲିମ ନିର୍ଦ୍ଦେଶକ ଡା. ଚିନ୍ମୟ ବିଜୟ କୁମାର ମହାନ୍ତି, ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଉପଜିଲାପାଳ ସିନ୍ଧେ ଦତ୍ତାତ୍ରୟ ଭାଉସାହେବ, ବିଏମ୍‌ସି କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର, ମେଡିକେଲ ଡିନ ତଥା ଅଧ୍ୟକ୍ଷ ପ୍ରଫେସର ଡା. ରାଧାମାଧବ ତ୍ରିପାଠୀ, ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ସନ୍ତୋଷ କୁମାର ମିଶ୍ର, ପ୍ରଶାସନିକ ଅଧିକାରୀ ସଚ୍ଚିଦାନନ୍ଦ ନାୟକ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଆର ଜଗଦୀଶ ପଟ୍ଟନାୟକ, ଅତିରିକ୍ତ ଏସ୍‌ପି ପି.କେ ଶତପଥୀ, ସହକାରୀ ଅଗ୍ନିଶମ ଅଧିକାରୀ ସନାତନ ମହାପାତ୍ରଙ୍କ ସମେତ ପୂର୍ତ୍ତ ବିଭାଗ, ଜିଇଡି ସାଉଥ୍‌କୋ ଅଧିକାରୀ ଉପସ୍ଥିତ ଥିଲେ। ଏମ୍‌କେସିଜିର ବିଭିନ୍ନ ସମସ୍ୟାର ସମାଧାନ ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଅଲଟ୍ରାସାଉଣ୍ଡ ସେବାକୁ ପିପିପି ମୋଡରେ ଚାଲୁ କରିବାକୁ ରାଜ୍ୟ ସରକାରଙ୍କ ନିକଟକୁ ପ୍ରସ୍ତାବ ପଠାଯିବା ନେଇ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଡାଏଲିସିସ୍ ୟୁନିଟରେ ୨୪ ଘଣ୍ଟିଆ ସେବା ପ୍ରଦାନ ପାଇଁ ନେଫ୍ରୋଲୋଜି ବିଭାଗରେ ୪ ଜଣ ଟେକ୍ନିସିଆନ ନିଯୁକ୍ତି ସହ ନିରାମୟ କେନ୍ଦ୍ରଗୁଡିକ ପାଇଁ ୧୫ ଫାର୍ମାସିଷ୍ଟ, ୨୦ ଜଣ ଡିଇଓ ଓ କାଜୁଆଲଟି ୪ ଜଣଙ୍କୁ ଇସିଜି ଟେକ୍ନିସିଆନ ନିଯୁକ୍ତି ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏଥିସହ ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ପରୀକ୍ଷା ଯୋଜନାରେ ଏମ୍‌କେସିଜିରେ ନିର୍ମାଣ ହୋଇଥିବା ନୂତନ ସୁପରସ୍ପେସିଆଲିଟି ବ୍ଲକକୁ କାର୍ଯ୍ୟକ୍ଷମ କରିବା, ମେଡିକାଲ ଛାତ୍ର ଡାକ୍ତର କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର କ୍ୟାଣ୍ଟିନ୍ ନିର୍ମାଣ, କର୍ମଚାରୀଙ୍କ ବାସଭବନ ନିର୍ମାଣ ନେଇ ଆଲୋଚନା ହୋଇଥିଲା। ରୋଗୀଙ୍କୁ ନେବା ଆଣିବା କରିବାକୁ ବ୍ୟାଟେରି ଗାଡି ପ୍ରଚଳନ ପାଇଁ ମାସିକ ୨ ଲକ୍ଷ ୫୪ ହଜାର ଟଙ୍କାରେ ଏକ କମ୍ପାନୀକୁ ଟେଣ୍ଡର ଦିଆଯାଇଥିବା ବେଳେ ଖୁବଶୀଘ୍ର ଏହି ସେବା ଆରମ୍ଭ କରିବାକୁ ବୈଠକରେ ସୂଚନା ଦିଆଯାଇଥିଲା। ଏହାବ୍ୟତୀତ ପ୍ରସୂତି ଓ ସ୍ତ୍ରୀରୋଗ ବିଭାଗରେ ଥିବା ୬ କ୍ୟାବିନ ଓ ଚକ୍ଷୁ ବିଭାଗରେ ଥିବା ଗୋଟିଏ କ୍ୟାବିନର ଚାର୍ଜ ୫ ଗୁଣ ବୃଦ୍ଧି କରାଯିବାକୁ ବୈଠକରେ କୁହାଯାଇଥିଲା।

# ବ୍ରହ୍ମପୁର ବାରାକ୍ସ ଟ୍ୟାକ୍ସି ୟୁନିୟନ ଗଠନ

ବ୍ରହ୍ମପୁର ଅଫିସ,୧୩।୨

ବ୍ରହ୍ମପୁର ପୁରୁଣା ବସ୍‌ଷ୍ଟାଣ୍ଡରେ ବହୁବର୍ଷରୁ ଥିବା ଶତାଧିକ ଟ୍ୟାକ୍ସି ଚାଳକଙ୍କ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବ୍ରହ୍ମପୁର ବାରାକ୍ସ ଟ୍ୟାକ୍ସି ୟୁନିୟନ ନାମରେ ନୂଆ ସଂଗଠନ ଗଠନ କରାଯାଇଛି। ଆଇଏନ୍‌ଟିୟୁସି ଜିଲା ସଭାପତି ତଥା ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ସର୍ବସମ୍ମତକ୍ରମେ ସଭାପତି କରାଯାଇଛି। ଶିବରାମ ସାହୁ ଉପସଭାପତି ହୋଇଥିବା ବେଳେ ନିରଞ୍ଜନ ବେହେରା କାର୍ଯ୍ୟକାରୀ ସଭାପତି ଓ ବାବୁଲା ପାତ୍ରଙ୍କୁ ସମ୍ପାଦକଭାବେ ଘୋଷଣା କରଯାଇଛି। ସେହିପରି ପ୍ରମୋଦ ପଣ୍ଡା ସହ ସମ୍ପାଦକ, ହେମନ୍ତ ପଣ୍ଡା କୋଷାଧ୍ୟକ୍ଷ ଏବଂ ଶ୍ରୀନିବାସ ଦାସ ଆଇନ ଉପଦେଷ୍ଟା ହୋଇଛନ୍ତି। କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ୭ ଜଣ ମନୋନୀତ ହୋଇଛନ୍ତି।

ଟ୍ୟାକ୍ସି ଚାଳକଙ୍କୁ ସରକାର ଶ୍ରମିକ ମାନ୍ୟତା ଦେବା, ସାମାଜିକ ସୁରକ୍ଷା ଯୋଗାଇବା ସହ ସେମାନଙ୍କୁ ବୀମାଭୁକ୍ତ କରିବା ପାଇଁ ଦାବି କରାଯାଇଛି। କେତେକ ଘରୋଇ କାର ଟ୍ୟାକ୍ସି ଭାବେ ବ୍ୟବହୃତ ହେଉଥିବାରୁ ଉଦ୍‌ବେଗ ପ୍ରକାଶ କରାଯାଇଥିଲା। ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲା ଆରଟିଓ ଦୃଢ଼ ପଦକ୍ଷେପ ନେବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏ ସମ୍ପର୍କରେ ସଂଘ କର୍ମକର୍ତ୍ତା ଆରଟିଓଙ୍କ ସହ ଆଲୋଚନା କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ପୁରୁଣା ବସ୍‌ଷ୍ଟାଣ୍ଡ ପାଖ ସ୍ଥାନରେ ନୂଆ ଟ୍ୟାକ୍ସି ଷ୍ଟାଣ୍ଡ କରାଯିବାକୁ ମହାନଗର ନିଗମ ବା ପ୍ରଶାସନ ପକ୍ଷରୁ ତୁରନ୍ତ ପଦକ୍ଷେପ ନେବା ପାଇଁ ଆଉ ଏକ ଦାବି ପ୍ରସ୍ତାବ ଗୃହୀତ ହୋଇଛି। ବୈଠକର ବିଭିନ୍ନ ଆଲୋଚନାରେ ଗଣେଶ ପଟ୍ଟନାୟକ, ସନ୍ତୋଷ ଦଳାଇ, ରବୀନ୍ଦ୍ର ସାହୁ, କ୍ରିଷ୍ଣା ରେଡ୍ଡୀ, ନଗେନ ପାଢ଼ୀ ଓ ଶଶୀ ଭୂଷଣ ବିଷୋୟୀ ପ୍ରମୁଖ ଭାଗ ନେଇଥିଲେ। ଏହି ୟୁନିୟନ ଆଉ ଏନ୍‌ଟିୟୁସି ସହ ଅନୁବନ୍ଧିତ ହେବାର ନିଷ୍ପତ୍ତି ନିଆଯାଇଥିଲା।




ଟ୍ୟାକ୍ସି ଚାଳକ ସଂଘ ବୈଠକ।

# ଜମାକାରୀଙ୍କ ଟଙ୍କା ଠକେଇ ଘଟଣା: ଜେଲ ଗଲେ ସାଇଲ୍ୟାଣ୍ଡ ଚିଟ୍‌ଫଣ୍ଡ ଏମ୍‌ଡି

ବ୍ରହ୍ମପୁର ଅଫିସ,୧୩।୨



ଗିରଫ ଅଭିଯୁକ୍ତ।

ସାଇଲ୍ୟାଣ୍ଡ କେଶୁରିଆ ଗ୍ରୁପ ଚିଟଫଣ୍ଡ ସଂସ୍ଥା ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ଗୋପାଳ ଚନ୍ଦ୍ର ରାଉତ(୪୪)ଙ୍କୁ ଟଙ୍କା ଠକେଇ ଅଭିଯୋଗରେ ଗୋଷାଣୀନୂଆଗାଁ ପୋଲିସ ୨ ବର୍ଷ ପରେ ଗିରଫ କରିଛି। ମାମଲା ନଂ. ୮୬/୧୭ରେ ଉକ୍ତ ଚିଟଫଣ୍ଡ ସଂସ୍ଥା ଏମ୍‌ଡି ଗୋପାଳଙ୍କୁ ଗୁରୁବାର ବ୍ରହ୍ମପୁର ଚିଟ୍‌ଫଣ୍ଡ କୋର୍ଟଚାଲାଣ କରାଯାଇଛି ବୋଲି ଥାନାଧିକାରୀ ସୁମିତ କୁମାର ସୋରେନ ସୂଚନା ଦେଇଛନ୍ତି। ଚିଟଫଣ୍ଡ ବିଚାରପତି ଦେବାଶିଷ ପଣ୍ଡା ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର କରି ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଥିବା କୋର୍ଟ ସୂତ୍ରରୁ ପ୍ରକାଶ। ଅନ୍ୟପଟେ ଏହି ମାମଲାରେ କମ୍ପାନୀର ଅନ୍ୟ ସଦସ୍ୟଙ୍କ ନାମରେ ଥିବା ବେଳେ ସେମାନେ ଏବେ ଫେରାର ଅଛନ୍ତି।

ଘଟଣାରୁ ପ୍ରକାଶ, ଉକ୍ତ ଅର୍ଥଲଗାଣକରୀ ସଂସ୍ଥା ସୁରଟର ଏମ୍ପିଲରେ ମୁଖ୍ୟ କାର୍ଯ୍ୟାଳୟ ଖୋଲିଥିଲା। ଗୋପାଳଙ୍କ ଘର ଗାଙ୍ଗପୁର ଥାନା ଅନ୍ତର୍ଗତ କୁଡ଼ଙ୍ଗୀ ହୋଇଥିବାରୁ ସେ ଗଞ୍ଜାମ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ମଧ୍ୟ ୨୦୧୦ରେ ଏହି ଅର୍ଥଲଗାଣକାରୀ ସଂସ୍ଥା ଖୋଲିଥିଲେ। ନିରୀହ ଜମାକାରୀଙ୍କୁ ବିଭିନ୍ନ ଏଜେଣ୍ଟଙ୍କ ଦ୍ୱାରା ଲୋଭନୀୟ ସ୍କିମ ଜରିଆରେ ପ୍ରଲୋଭନ ଦେଖାଇଥିଲେ। କାହାକୁ ଜମି ଦେବା ନାଁରେ ତ ଆଉ କାହାକୁ ଜମା ଟଙ୍କାର କମ ଦିନ ଭିତରେ ଦୁଇ ଗୁଣା ଫେରସ୍ତ ଦେବାକୁ ପ୍ରତିଶ୍ରୁତି ଦେଇ ୩ ଶହରୁ ଉର୍ଦ୍ଧ୍ୱ ଜମାକାରୀଙ୍କଠାରୁ ୧ କୋଟି ୫୦ ଲକ୍ଷ ଟଙ୍କା ଠକେଇ କରିଥିଲେ। ଏନେଇ ତାଙ୍କ ନାମରେ ବିଭିନ୍ନ ଥାନାରେ ଅଭିଯୋଗ ହୋଇଥିଲା। ସେହିପରି ୨୦୧୭ ଅକ୍ଟୋବର ୨୨ରେ ଗୋଷାଣୀନୂଆଗାଁ ଥାନାରେ ଉକ୍ତ ଚିଟ୍‌ଫଣ୍ଡ ସଂସ୍ଥାରୁ ଠକେଇର ଶିକାର ହୋଇଥିବା ରଜନୀ କାନ୍ତ ପାଢ଼ୀ ଅଭିଯୋଗ କରିଥିଲେ। ପୋଲିସ ନଂ.୮୬/୧୭ ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା।

# ଏସ୍‌ପିଙ୍କୁ ଭେଟିଲେ ମହିଳା ବିଜେଡି ଟିମ୍

ବ୍ରହ୍ମପୁର ଅଫିସ,୧୩।୨

ଗଞ୍ଜାମ ଜିଲା ମହିଳା ବିଜେଡିର ଏକ ଟିମ୍ ଗୁରୁବାର ବ୍ରହ୍ମପୁର ଏସ୍‌ପିଙ୍କୁ ଭେଟିଥିଲେ। ଗତ ବୁଧବାର ଦଳର ନେତ୍ରୀ ମୀନାକ୍ଷୀ ମିଶ୍ର ଏସ୍‌ପିଙ୍କ ଦପ୍ତର ପରିସରରେ ଆତ୍ମାହୁତି ଉଦ୍ୟମ କରିଥିବା ବେଳେ ଡ୍ୟୁଟିରେ ଥିବା କର୍ମଚାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଥିଲା। ରାଜ୍ୟ ସରକାର ମହିଳାଙ୍କ ସୁରକ୍ଷା ପାଇଁ ଅନେକ ପଦକ୍ଷେପ ନେଇଥିବା ବେଳେ ଘଟିଥିବା ଏଭଳି କାଣ୍ଡ ନିମନ୍ତେ ଉଦ୍‌ବେଗ ପ୍ରକାଶ କରାଯାଇଥିଲା। ମୀନାକ୍ଷୀ କିରୋସିନ ନେଇ ଦପ୍ତର ଭିତକୁ ଗଲେ ଏବଂ କାର୍ଯ୍ୟରତ ପୋଲିସ କର୍ମଚାରୀ କିଭଳି ଜାଣିପାରିଲେ ନାହିଁ, ସେ ନେଇ ପ୍ରଶ୍ନ କରାଯାଇଥିଲା। ଜିଲା ସଭାନେତ୍ରୀ ସଂଘମିତ୍ରା ଦଳାଇ, ରାଜ୍ୟ ଉପସଭାନେତ୍ରୀ ମମତା ବିଷୋୟୀ, ସାଧାରଣ ସମ୍ପାଦିକା ଜ୍ୟୋତ୍ସ୍ନା ପାଢୀ, ଜିଲା ସଂଗଠନର ଲକ୍ଷ୍ମୀ ପ୍ରିୟା ପାଢୀ, ଟି. ପ୍ରେମାଞ୍ଜଳୀ ଓ ଅନ୍ୟମାନେ ସାମିଲ ଥିଲେ। ପୋଲିସର ଦାୟିତ୍ୱ ହିନତାରୁ ମୀନାକ୍ଷୀ ଆତ୍ମାହୁତି ଭଳି ଚରମ ପଦକ୍ଷେପ ନେଇଥିବା ବିଜେଡି ମହିଳା ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଥିଲା।




ମହିଳା ବିଜେଡି ଟିମ୍ ଏସ୍‌ପିଙ୍କୁ ଦାବିପତ୍ର ଦେଉଛନ୍ତି।

# ଲଘୁ, ମଧ୍ୟମ ଶିଳ୍ପ ବିକାଶ ପ୍ରତି ଅଣଦେଖା ଅଭିଯୋଗ

**ସୂକ୍ଷ୍ମ ଲଘୁ, ମଧ୍ୟମ ଉଦ୍ୟୋଗ ସମ୍ବନ୍ଧୀୟ ବୈଠକ**

- ଏନ୍‌ପିଏ ସମୟ ଅବଧି ବୃଦ୍ଧି କରାଯିବାକୁ ଉଦ୍ୟୋଗୀଙ୍କ ଦାବି

ବ୍ରହ୍ମପୁର ଅଫିସ,୧୩।୨




ମଞ୍ଚାସୀନ ଅତିଥି।

ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ ଓ ଓଡିଶା ଆସେମ୍ବ୍ଲି ଅଫ ସ୍ମଲ ଏଣ୍ଡ ମିଡିୟମ୍ ଏଣ୍ଟରପ୍ରାଇଜେସ୍ (ଓଏଏସ୍‌ଏମ୍‌ଇ)ର ଗଞ୍ଜାମ ଜିଲା ଶାଖା ପକ୍ଷରୁ ସୂକ୍ଷ୍ମ ଲଘୁ ଓ ମଧ୍ୟମ ଉଦ୍ୟୋଗ ସମ୍ବନ୍ଧୀୟ ବୈଠକ ଟାଉନହଲରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ହିଲପାଟଣା ସଂସ୍କୃତି ଭବନ ପରିସରରେ ଓଏଏସ୍‌ଏମ୍‌ଇ ଅଧ୍ୟକ୍ଷ ଗୌରୀଶଙ୍କର ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଆରବିଆଇର ଡିଭିଜନାଲ ଜେନେରାଲ ମ୍ୟାନେଜର(ଡିଜିଏମ୍) ପ୍ରିୟରଞ୍ଜନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଆରବିଆଇ ଭୁବନେଶ୍ୱରର ପ୍ରବନ୍ଧକ ସୁନୀଲ ଦାଶ କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସହ ବୈଠକର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଦେଶର ବିକାଶ ସୂକ୍ଷ୍ମ ଲଘୁ ଓ ମଧ୍ୟମ ଉଦ୍ୟୋଗ ଉପରେ ନିର୍ଭରଶୀଳ। ଏଥିପାଇଁ ଆରବିଆଇ ଓ ସରକାରଙ୍କ ପକ୍ଷରୁ ଲଘୁ ଓ ମଧ୍ୟମ ଉଦ୍ୟୋଗର ବିକାଶ ପାଇଁ ବିଭିନ୍ନ ସ୍କିମ ପ୍ରଣୟନ କରାଯାଉଛି। ଆରବିଆଇ ସହଯୋଗରେ ବିଭିନ୍ନ ବ୍ୟାଙ୍କ ଜରିଆରେ ଲଘୁ ଓ ମଧ୍ୟମ ଉଦ୍ୟୋଗୀଙ୍କୁ ବିଭିନ୍ନ ସ୍କିମରେ ଲୋନ ପ୍ରଦାନ କରାଯିବାର ବ୍ୟବସ୍ଥା ମଧ୍ୟ କରାଯାଉଛି। କିନ୍ତୁ ଗତ ୪୦ ବର୍ଷ ପୂର୍ବେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ) ଲଘୁ ଶିଳ୍ପଗୁଡିକର ବିକାଶ, ଉନ୍ନତି ପାଇଁ ଋଣ କ୍ଷେତ୍ରରେ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରୁଥିଲା। ବର୍ତ୍ତମାନ ଏସ୍‌ବିଆଇ ପକ୍ଷରୁ ସେଭଳି ସହଯୋଗ ଶିଳ୍ପଗୁଡିକୁ ପ୍ରଦାନ କରାଯାଉନାହିଁ। ଏପରିକି ସରକାରଙ୍କ ଦ୍ୱାରା ବ୍ୟାଙ୍କ ଜରିଆରେ ପ୍ରଦାନ କରାଯାଉଥିବା ସ୍କିମ୍ ସମ୍ପର୍କରେ ମଧ୍ୟ ବ୍ୟାଙ୍କ ପକ୍ଷରୁ ଅବଗତ କରାଯାଉ ନାହିଁ ବୋଲି ଓଏଏସ୍‌ଏମ୍‌ଇ ଅଧ୍ୟକ୍ଷ କ୍ଷୋଭ ପ୍ରକାଶ କରିଥିଲେ। ଏ ଦିଗରେ ବ୍ୟାଙ୍କ କର୍ତ୍ତୃପକ୍ଷ ଗୁରୁତ୍ୱଦେବାକୁ ସେ ମତବ୍ୟକ୍ତ କରିଥିଲେ। ଏହାବ୍ୟତୀତ ବ୍ୟାଙ୍କ ପକ୍ଷରୁ ଏନ୍‌ପିଏ ସମୟ ଅବଧିକୁ ବୃଦ୍ଧି କରାଯିବାକୁ କୁହାଯାଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ବିଆଇର ଡିଜିଏମ୍ ଏସ୍.ଏସ୍. ବୈରାଗୀ, ଡିଆଇସିର ଜିଏମ୍ ଏ. ସି. ପାତ୍ର, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ ସିନିୟର ରିଜିଓନାଲ ମ୍ୟାନେଜର ଚନ୍ଦ୍ରମଣି ଜାଲି, ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଆଞ୍ଚଳିକ ପ୍ରବନ୍ଧକ ରାଜ୍ୟ ବର୍ଦ୍ଧନ ଧଳ ମହାପାତ୍ର, କାନାରା ବ୍ୟାଙ୍କ ଏଜିଏମ୍ ନିରାକାର ବେହେରା, ସିଣ୍ଡିକେଟ ବ୍ୟାଙ୍କ ଆଞ୍ଚଳିକ ପ୍ରବନ୍ଧକ କେ.ସି ଟୁଡୁ, ଆନ୍ଧ୍ର ବ୍ୟାଙ୍କ ଏଜିଏମ୍ ଅନୁଜ କୁମାର ପ୍ରଧାନ, ନାବାର୍ଡ ଡିଜିଏମ୍ ସୁମନ ସୌରଭ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିରେ ଗଞ୍ଜାମ ଜିଲା ରାଇସ୍ ମିଲ୍, ଇଞ୍ଜିନିୟରିଂ ଟେକ୍ନିକାଲ ଇଣ୍ଡଷ୍ଟ୍ରି, କାଜୁ ଇଣ୍ଡଷ୍ଟ୍ରି, ଗ୍ରାନାଇଟ୍ ଆଦି ଲଘୁ ଓ ମଧ୍ୟ ଶିଳ୍ପର ୧୦୦ରୁ ଉର୍ଦ୍ଧ୍ୱ ଉଦ୍ୟୋଗୀ ଯୋଗ ଦେଇଥିଲେ। ଗଞ୍ଜାମ ଜିଲା ଶାଖା ସଭାପତି ପ୍ରକାଶ ନାୟକ, ଜିଲା ସମ୍ପାଦକ ଇଞ୍ଜିନିୟର ଫିନେନ୍ଦୁ ସାହୁ, ଉପସଭାପତି ଶ୍ରୀମନ୍ତ ଦାଶ, ଯୁଗ୍ମସମ୍ପାଦକ ମନୋରଞ୍ଜନ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

## ପଞ୍ଚାୟତ ପ୍ରତିନିଧିଙ୍କୁ ଅଣଦେଖା ଅଭିଯୋଗ

**ପାରଳାଖେମୁଣ୍ଡି,୧୩।୨(ସ୍ୱ.ପ୍ର.)-** ସରକାରଙ୍କ ସମସ୍ତ ଯୋଜନାରେ ବିଭିନ୍ନ ତାଲିକା ପ୍ରସ୍ତୁତବେଳେ ଆର୍.ଉଦୟଗିରି ବ୍ଲକ୍ ଅଧୀନ ରାମଗିରି ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟାସଭ୍ୟ ଏବଂ ସରପଞ୍ଚଙ୍କୁ ଅଣଦେଖା କରାଯାଉଥିବା ଅଭିଯୋଗ ହୋଇଛି। ପଞ୍ଚାୟତରେ ବିଜୁ ପକ୍କାଘର ଯୋଜନା, ନିର୍ମାଣ ଶ୍ରମିକ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଆଦି ପାଇଁ ପ୍ରସ୍ତୁତ କରାଯାଉଥିବା ତାଲିକା ଠିକ୍ ନୁହେଁ ବୋଲି ମଧ ସେମାନେ କହିଛନ୍ତି। ତାଲିକା ପ୍ରସ୍ତୁତିରେ ପିଇଓ ଏବଂ ପୂର୍ବତନ ଜିଆର୍ଏସ୍ଙ୍କ ହସ୍ତକ୍ଷେପ ରହୁଥିବାବେଳେ ସରପଞ୍ଚ ଓ ସମିତି ସଭ୍ୟଙ୍କୁ ପଚାରୁ ନ ଥିବା କହିଛନ୍ତି। ଏ ନେଇ ସେମାନେ ଗୁରୁବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦେଇଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସେମାନେ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନବେଳେ ରାମଗିରି ସରପଞ୍ଚ ଆଦିକନ୍ଦ କାର୍ଯୀ, ୱାର୍ଡ ମେମ୍ବର ଅଭାଗିନୀ ମାଳୀ, ପ୍ରଦୀପ କୁମାର କରାଡ଼ଙ୍କ ସମେତ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ବିରଳ ପକ୍ଷୀ ଉଦ୍ଧାର

**ବାଲିଗୁଡା,୧୩।୨(ଡି.ଏନ୍.ଏ.)-** ବାଲିଗୁଡା ଟାଉନର ତ୍ରିବେଦୀ ପାର୍କ ସମ୍ମୁଖରେ ଏକ ବଡ଼ ଧରଣର ବିରଳ ପକ୍ଷୀ ବୁଧବାର ଦେଖିବାକୁ ମିଳିଥିଲା। ବୁଲା କୁକୁର ଆକ୍ରମଣ କରୁଥିବା ଦେଖି ସ୍ଥାନୀୟ କେତେଜଣ ଯୁବକ ପକ୍ଷୀଟିକୁ ଉଦ୍ଧାର କରିଥିଲେ। ପରେ ଏହାକୁ ବାଲିଗୁଡ଼ା ବନ ବିଭାଗକୁ ହସ୍ତାନ୍ତର କରାଯାଇଥିଲା।



## ବିଦ୍ୟାଳୟ ବାର୍ଷିକୋତ୍ସବ

**ପାତ୍ରପୁର,୧୩।୨(ଡି.ଏନ.ଏ.):** ପାତ୍ରପୁର ବ୍ଲକ ପୋଲରାଜପୁର ବିଦ୍ୟାଳୟର ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍କୁଲ ପରିଚାଳନା କମିଟି ସଭାପତି ଏସ. କୋଟେସ୍ ପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ପ୍ରକାଶ ଚନ୍ଦ୍ର ଦାସ, ମୁଖ୍ୟବକ୍ତା ଭାବେ ଚିକିଟି ତହସିଲଦାର ହର ପ୍ରସାଦ ଭୋଇ , ସମ୍ମାନିତ ଅତିଥି ଭାବେ ରବୀନ୍ଦ୍ର ମିଶ୍ର, ଆଦର୍ଶ ବିଦ୍ୟାଳୟ ଅଧକ୍ଷ ରାମକୃଷ୍ଣ ସାହୁ, ଡ଼ୋକି ସନ୍ୟାସୀ ମହା ବିଦ୍ୟାଳୟର ଅଧକ୍ଷ ଜି. କୃତିବାସ, ସ୍ଥାନୀୟ ସରପଞ୍ଚ ଏମ. ମଲିକ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ରାଜେଶ ମହାନ୍ତି ବିବରଣୀ ପାଠ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା । ପୂର୍ବରୁ ଅନୁଷ୍ଠିତ କ୍ରୀଡ଼ା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସିଆରସିସି କେ. ସୀମାଞ୍ଚଳ, ସହକାରୀ ଶିକ୍ଷକ ଘନଶ୍ୟାମ ସେଠୀ, ଲକ୍ଷ୍ମୀନାରାୟଣ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

## କୃଷକ ସମ୍ପର୍କ ମେଳା

**ବୁଗୁଡ଼ା,୧୩।୨(ଡି.ଏନ.ଏ.)-** କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ବୁଧବାର ବୁଗୁଡ଼ା ବ୍ଲକ କାନସୁକାଠାରେ ବ୍ଲକସ୍ତରୀୟ କୃଷକ ସମ୍ପର୍କ ମେଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ମାମି ସେନାପତି ମୁଖ୍ୟଅତିଥି ଭାବେ ଯୋଗଦେଇ ମେଳା ଉଦଘାଟନ କରିଥିଲେ। ସହକାରୀ କୃଷି ଅଧିକାରୀ ନିହାର ରଞ୍ଜନ ପୃଷ୍ଟିଙ୍କ ପରିଚାଳନାରେ ଆୟୋଜିତ ଏହି ମେଳାରେ ଭଞ୍ଜନଗର ଜିଲା କୃଷି ଅଧିକାରୀ ଅର୍ଜୁନ ବିଷୋୟୀ, ଜିଲା କୃଷି ଅଧିକାରୀ କାଶୀନାଥ ଖୁଣ୍ଟିଆ, ଉଦ୍ୟାନ ବିଭାଗ ଅଧିକାରୀ କେ. ରାମଶଙ୍କର ରାଓ, ବୈଜ୍ଞାନିକ ସିଦ୍ଧାନ୍ତ ରଣବିଜୁଳି, ସହ ମତ୍ସ୍ୟ ଅଧିକାରୀ ସୁରେଶ ବେହେରା, ତହସିଲଦାର ସଂଗ୍ରାମ କେଶରୀ ଜେନା, ଆତ୍ମା ଅଧକ୍ଷ ମୁକୁନ୍ଦ ନାୟକ, ବ୍ଲକ ଉପାଧକ୍ଷ ଟୁକୁନା ସ୍ୱାଇଁ, ଜିଲା ପରିଷଦ ସଭ୍ୟା ଭୁବନେଶ୍ୱରୀ ଖଟାଇ ଓ ରେବତୀ ମୋହନ ନାୟକ ଉପସ୍ଥିତ ଥିଲେ। ବିଭାଗୀୟ ଅଧିକାରୀମାନେ ଆଧୁନିକ କୃଷି ପ୍ରଣାଳୀ ଓ ବିଭିନ୍ନ ଯନ୍ତ୍ରାଂଶର ଉପଯୋଗିତା ସମ୍ପର୍କରେ ଆଲୋଚନା କରିଥିଲେ। ମେଳାରେ ବିଭିନ୍ନ କମ୍ପାନୀ ତରଫରୁ ଉନ୍ନତଧରଣର କୃଷି ଯନ୍ତ୍ରାଂଶ, ଉପକରଣ ସହ ରୋଗପୋକ ନିରାକରଣ ପାଇଁ ବିଭିନ୍ନ ଔଷଧ ଷ୍ଟଲ ଖୋଲାଯାଇଥିଲା। ଶେଷରେ ବାଲିପଦର ସହ କୃଷି ଅଧିକାରୀ ସ୍ୱାଗତିକା ପତି ଧନ୍ୟବାଦ ଦେଇଥିଲେ। ବହୁ ଚାଷୀ ଷ୍ଟଲଗୁଡ଼ିକ ବୁଲିଥିଲେ।

# ସରକାରଙ୍କ ଯୋଜନା ଉପରେ ଅବଗତ ହୁଅ




କାର୍ଯ୍ୟକ୍ରମରେ ଉପସ୍ଥିତ ଜନପ୍ରତିନିଧିଙ୍କ ସହ ସରକାରୀ ଅଧିକାରୀ ।

**ଫୁଲବାଣୀ ଅଫିସ, ୧୩।୨**

ସରକାର ଜନସାଧାରଣଙ୍କ ପାଇଁ ବହୁବିଧ କାର୍ଯ୍ୟକ୍ରମ ହାତକୁ ନେବା ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଯୋଜନା କରିଛନ୍ତି। ହିତାଧିକାରୀ ଏ ସବୁ ଯୋଜନାର ଫାଇଦା ନେବେ। ସରକାର ଏବେ ୫-ଟି ଆରମ୍ଭ କରି ମୋ ସରକାର କାର୍ଯ୍ୟକ୍ରମ କରୁଛନ୍ତି। ସେହିପରି ଅନୁସୂଚିତ ଜାତି ଓ ଜନଜାତି ବର୍ଗର ସାମଗ୍ରିକ ବିକାଶ ନିମନ୍ତେ ମଧ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ହେଲେ ଏହାକୁ ଅନୁସୂଚିତ ଜାତି ଏବଂ ଜନଜାତିର ଅଧିକାଂଶ ଲୋକେ ଜାଣି ପାରୁନାହାନ୍ତି। ତେଣୁ ପ୍ରଥମେ ସରକାରଙ୍କ ଯୋଜନା ଉପରେ ଅବଗତ ହେବାକୁ ଫୁଲବାଣୀ

### ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ସମ୍ପର୍କ ଶିବିର

ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ବୀରେନ୍ଦ୍ର କୁମାର ଦାସ ଖଜୁରିପଡା ପଡିଆରେ ଗୁରୁବାର ଅନୁଷ୍ଠିତ ସମ୍ପର୍କ ଶିବିରରେ ପ୍ରକାଶ କରିଛନ୍ତି।

ସେ ଆହୁରି କହିଛନ୍ତି, ଯୋଜନା ଲୋକମାନଙ୍କ ପାଇଁ ହୋଇଛି। ଯଦି ଲୋକେ ଏସବୁ ନ ଜାଣିବେ ତା' ହେଲେ ଏହାର ଫାଇଦା ନେଇପାରିବେ ନାହିଁ। ଅନ୍ୱେଷା ଯୋଜନାରେ ପିଲାମାନେ ସହରାଞ୍ଚଳର ଅଗ୍ରଣୀ ଘରୋଇ ବିଦ୍ୟାଳୟରେ ମାଗଣାରେ ଇଂଲଶ ମିଡିୟମ ସ୍କୁଲରେ ପଢ଼ି ପାରିବେ। ଛାତ୍ରାବାସ, ଛାତ୍ରବୃତ୍ତି ଓ ଦେୟମୁକ୍ତ ଆବାସିକ ଶିକ୍ଷା ବ୍ୟବସ୍ଥା ରହିଛି। ଜୀବନ କୌଶଳ ଶିକ୍ଷା କାର୍ଯ୍ୟକ୍ରମ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଜରିଆରେ ଜନଜାତିମାନଙ୍କ ସଂସ୍କୃତି, ସାମାଜିକ ପ୍ରଥା, ନୃତ୍ୟଗୀତ, ପୂଜାପାଠ, ପର୍ଯ୍ୟଟନସ୍ଥଳୀର ରକ୍ଷଣାବେକ୍ଷଣ ଆଦି କାର୍ଯ୍ୟ କରାଯାଉଛି। ସେହିପରି ଜୀବିକା ନିର୍ବାହ ଓ ମହିଳା ସଶକ୍ତୀକରଣ ପାଇଁ ପଦକ୍ଷେପ ନିଆଯାଉଛି। ଏପରି ଆହୁରି ଅନେକ ବିଷୟରେ ଜାଣିବା ଦରକାର ଏବଂ ଏହାର ଫାଇଦା ନେବା ଆବଶ୍ୟକ ବୋଲି ପ୍ରକଳ୍ପ ପ୍ରଶାସକ କହିଥିଲେ।

ଖଜୁରିପଡା ବିଡିଓ ରବୀନ୍ଦ୍ରନାଥ କହଁର ମଧ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଆଗରୁ ଲୋକେ ଅଭିଯୋଗ ନେଇ ଯାଉଥିଲେ। ସରକାରୀ ଅଧିକାରୀମାନେ ଇଚ୍ଛା ହେଲେ କରୁଥିଲେ ନ ହେଲେ ଜାଣିଶୁଣି ହଇରାଣ କରୁଥିଲେ। ଏବେ ଆଉ ସେ ସମୟ ନାହିଁ। ମୋ ସରକାରରେ କାର୍ଯ୍ୟ ଯଥାଶୀଘ୍ର କରାଯାଉଛି। ଗ୍ରାମାଞ୍ଚଳରେ ଯେଉଁ ସମସ୍ୟା ରହିଛି ତାହା ଉପରେ ଅବଗତ କରିବାକୁ ଉପସ୍ଥିତ ମହିଳାମାନଙ୍କୁ ସେ ଆହ୍ୱାନ ଦେଇଥିଲେ। ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ମଧ ମୋ ସରକାର କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧରେ ଜିଲା ପରିଷଦ ଅଧକ୍ଷା ଆକାଂକ୍ଷା ପ୍ରଧାନ, ଜିଲା ପରିଷଦ ସଭ୍ୟ ଜୁଲିଲତା ଲେଙ୍କା, ବ୍ଲକ ଅଧକ୍ଷ ବୀରେନ୍ଦ୍ର କହଁର, ନାବାର୍ଡ ଏଜିଏମ୍ ଶ୍ରୀବତ୍ସ ଲାଞ୍ଛନ ଦାସ, ଫୁଲବାଣୀ ଉପ ଜିଲାପାଳ ସୁରେଶ ପ୍ରଧାନ, ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ନିଜ ବିଭାଗରେ ଚାଲିଥିବା ସରକାରଙ୍କ ଯୋଜନା ଉପରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରିଥିଲେ। ବିଶେଷ କରି ଏହି କାର୍ଯ୍ୟକ୍ରମକୁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟଙ୍କୁ ଆମନ୍ତ୍ରଣ କରାଯାଇଥିଲା। ବହୁ ସଂଖ୍ୟାରେ ଏସ୍ଏଚ୍ଜି ସଦସ୍ୟମାନେ ଉପସ୍ଥିତ ରହି ସରକାରଙ୍କ ବହୁବିଧ ଯୋଜନା ଉପରେ ଅବଗତ ହୋଇଥିଲେ।

# କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ବାର୍ଷିକୋତ୍ସବ



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିବୃନ୍ଦ ।

**ରାଇକିଆ,୧୩।୨(ଡି.ଏନ୍.ଏ.)**

ରାଇକିଆ ଚୂନପଲ୍ଲୀସ୍ଥିତ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସ୍ନିଗ୍ଧା ରାଣୀ ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବ୍ଲକ ଅଧକ୍ଷା ମାନିନୀ ପ୍ରଧାନ, ବିଡ଼ିଓ ପ୍ରବୀଣ କୁମାର ବାଣୁଆ, ସରପଞ୍ଚ ପଞ୍ଚୁ ପ୍ରଧାନ, ବିଇଓ ପ୍ରମୋଦ ମଳିକ, ଏବିଇଓ ସିମାଦ୍ରୀ କହଁର, ସାରଥୀ କହଁର, ଅବସରପ୍ରାପ୍ତ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଶମ୍ଭୁ ଭୂଷଣ ଦୀପା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଭିମନ୍ୟୁ ପଣ୍ଡା ଯୋଗଦେଇଥିଲେ। ଛାତ୍ରୀମାନେ ବିଭିନ୍ନ କାର୍ଯ୍ୟକ୍ରମରେ ଭାଗନେଇ ଉଲ୍ଲେଖନୀୟ ସଫଳତା ହାସଲ କରିଥିବାରୁ ଅତିଥିମାନେ ପ୍ରଶଂସା କରିଥିଲେ। ଶୃଙ୍ଖଳିତ ଜୀବନ କିପରି ଉତ୍ତମ ଭବିଷ୍ୟତ ଗଠନରେ ସହାୟକ ହୋଇଥାଏ ସେ ସମ୍ପର୍କରେ ଅତିଥିମାନେ କହିଥିଲେ। ଏହି ଅବସରରେ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷକ ମହମ୍ମଦ କେଶରୀ ପ୍ରଧାନ ଏବଂ ପ୍ରଦୀପ ବିଶ୍ୱାଳ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକ ପରିଚାଳନାରେ ସହଯୋଗ କରିଥିଲେ।

## ବିଦ୍ୟାଳୟରେ ପଢ଼ାଇଲେ ଜିଲାପାଳ

**ଫିରିଙ୍ଗିଆ,୧୩।୨–** ଜିଲାପାଳ ଡ. ବୃନ୍ଦା ଡି. ଗୁରୁବାର ଫିରିଙ୍ଗିଆ ବ୍ଲକ ଗସ୍ତରେ ଆସିଥିଲେ। ଜିଲାପାଳ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରିବା ସହ ଅନ୍ୟାନ୍ୟ କାର୍ଯ୍ୟାଳୟକୁ ଯାଇ କାର୍ଯ୍ୟ ତଦାରଖ କରିଥିଲେ। ବାଲଦାପଡ଼ା ଓ କ୍ରାଣ୍ଡିବାଲି ବିଦ୍ୟାଳୟ ପରିଦର୍ଶନ କରିବା ବେଳେ ଛାତ୍ରୀଛାତ୍ରମାନଙ୍କୁ ପଢ଼ାଇବା ସହ ସେମାନଙ୍କ ସହ ଆଲୋଚନା କରିଥିଲେ। ପାଠ୍ୟକ୍ରମ ବିଷୟରେ କେତେଜଣ ପିଲାଙ୍କୁ ପ୍ରଶ୍ନ ପଚାରିଥିଲେ। ପରେ ବାଲନ୍ଦାପଡ଼ାର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ଯାଇ ସ୍ଥିତି ପରଖିଥିଲେ। ଏହି ଅବସରରେ ସେ ସ୍ଥାନୀୟ ଲୋକମାନଙ୍କ ସହ ସେମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ।



ବିଦ୍ୟାଳୟରେ ଜିଲାପାଳ ।

## ମହୁମାଛି ବସା ଯୋଗୁ ଲୋକେ ହନ୍ତସନ୍ତ

**ବାଲିଗୁଡା,୧୩।୨(ଡି.ଏନ୍.ଏ.)**

ବାଲିଗୁଡା ସହରରେ ଥିବା କେତେକ ଜନଗହଳିପୂର୍ଣ୍ଣ ଅଞ୍ଚଳର ବିଭିନ୍ନ ଗଛରେ ମହୁମାଛି ବସା ରହିଛି। ଜନଗହଳି ପୂର୍ଣ୍ଣ ଅଞ୍ଚଳ ଯୋଗୁ ବିଭିନ୍ନ ସମୟରେ ଲୋକେ ଆକ୍ରମଣର ଶିକାର ହେଉଛନ୍ତି। ଏ ନେଇ ବାରମ୍ବାର ଅଭିଯୋଗ କଲେ ମଧ ମହୁମାଛିକୁ ଘଉଡାଇବାକୁ ବନ ବିଭାଗ ଗୁରୁତ୍ୱ ଦେଉନାହିଁ। ଫଳରେ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏଥିପ୍ରତି ବନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହେଉଛି।

# ପର୍ତ୍ତମାହାରେ ମଦ ବିରୋଧୀ ଅଭିଯାନ

**ଦାରିଙ୍ଗବାଡ଼ି,୧୩।୨(ଡି.ଏନ.ଏ)**

ଦାରିଙ୍ଗବାଡ଼ି ବ୍ଲକ ପର୍ତ୍ତମାହା ପଞ୍ଚାୟତରେ ଗୁରୁବାର ମହିଳାମାନେ ମଦ ବିରୋଧି ଅଭିଯାନକୁ ଜୋରଦାର କରିଛନ୍ତି। ଅଞ୍ଚଳରେ ଦିନୁକ ଦିନ ଚୋରାମଦ ବିକ୍ରି ସହ ଗଞ୍ଜେଇ ବ୍ୟବସାୟ ବୃଦ୍ଧି ପାଉଥିବାରୁ ଉଦ୍‌ବେଗ ଦେଖାଦେଇଛି। ନିଶା ଯୋଗୁ ପରିବାରରେ ଅଶାନ୍ତି ସୃଷ୍ଟି ହେଉଥିବାବେଳେ ଯୁବକ ବିପଥଗାମୀ ହେଉଛନ୍ତି। ସେହିପରି ଅଞ୍ଚଳରେ ଆଦିମ କାଳରୁ ଅନୁସୂଚିତ ଜନଜାତି ସମ୍ପ୍ରଦାୟ ପାରମ୍ପରିକ ଭାବେ ସଲପରସ ବ୍ୟବହାର କରୁଥିବା ନଜିର ରହିଥିବାବେଳେ ଏବେ ଏହି ସଲପକୁ ବିଭିନ୍ନ ସ୍ଥାନରୁ ବ୍ୟବସାୟୀ ଆସି ଏଠାରେ ବ୍ୟବସାୟ କରୁଥିବା ଅଭିଯୋଗ ହୋଇଛି। ଫଳରେ ନିଶା ଧରିବା ପାଇଁ ସଲପରେ ବିଭିନ୍ନ ବିଷାକ୍ତ ଦ୍ରବ୍ୟ ମିଶାଇ ବିକ୍ରି କରୁଛନ୍ତି। ଅଞ୍ଚଳରେ ମଦ କାରବାର ବେଧଡ଼କ ଚାଲିଥିବାରୁ ନାରୀ ନିର୍ଯାତନା ବୃଦ୍ଧି ପାଇବା ସହ ଆଇନଶୃଙ୍ଖଳା ପରିସ୍ଥିତି ବିଗୁଡୁଥିବା ମହିଳାମାନେ ଅଭିଯୋଗେ କରିଛନ୍ତି।




ମହିଳାମାନେ ଶୋଭାଯାତ୍ରାରେ ବାହାରିଛନ୍ତି।

ଗୁରୁବାର ପଞ୍ଚାୟତବାସୀ ମା' ଠାକୁରାଣୀ ପଡ଼ିଆଠାରେ ଏକାଠି ହୋଇ ମଦ ବନ୍ଦ କରି ଅଞ୍ଚଳକୁ ନିଶାମୁକ୍ତ କରିବାକୁ ଶୋଭାଯାତ୍ରା କରିଥିଲେ। ଅଞ୍ଚଳରେ ପଲିଥିନ ବ୍ୟବହାର ନ କରିବାକୁ ମଧ ସଚେତନ କରିଥିଲେ। ଏହି ଆନ୍ଦୋଳନରେ ପଞ୍ଚାୟତର ୭୦ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠିର ପ୍ରାୟ ୩ଶହ ମହିଳା ସାମିଲ ହୋଇଥିଲେ। ଏହି ଆନ୍ଦୋଳନକୁ ଓଡ଼ିଶା ଜିବୀକା ମିଶନର ହିସାବ ରକ୍ଷକ ସୁଷମା ସିଂ ନେତୃତ୍ୱ ନେଇଥିଲେ। ତାଙ୍କୁ ଅନ୍ତରଙ୍ଗ ଯୁବ ସଂଘ ପକ୍ଷରୁ ସହଯୋଗ କରାଯାଇଥିବାବେଳେ ସଂଘ ସଭାପତି ବେଲାଳସେନ ନାୟକ, ଜିଲା ସମ୍ପାଦକ ଦିଲିପ କୁମାର ସାହୁ, ସରପଞ୍ଚ ଫଗୁ ପ୍ରଧାନ, ଦାନୁକା ପ୍ରଧାନ, ସୁଦର୍ଶନ ମଲ୍ଲିକ ପ୍ରମୁଖ ସାମିଲ ଥିଲେ।

# ହବାକ୍ ଉଚ୍ଚ ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା

**ଜି.ଉଦୟଗିରି,୧୩।୨(ଡି.ଏନ.ଏ.)**

ହବାକ୍ ଉଚ୍ଚ ବିଦ୍ୟାଳୟର ୨ ଦିନିଆ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ମିଶ୍ର ଉତ୍ସବ ଉଦ୍‌ଘାଟନ କରିବା ସହ କ୍ରୀଡ଼ାର ଉପକାରିତା ସମ୍ପର୍କରେ ଛାତ୍ରମାନଙ୍କୁ କହିଥିଲେ। ୬ଷ୍ଠରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ବିଦ୍ୟାଳୟ ବାର୍ଷିକୋତ୍ସବରେ ପୁରସ୍କୃତ କରାଯିବ। କ୍ରୀଡ଼ା ଶିକ୍ଷକ ସତ୍ୟବ୍ରତ କର୍ଣ୍ଣ ଓ ଏମ୍ଏମ୍ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ସଞ୍ଜୟ କୁମାର ସାହୁ ପ୍ରତିଯୋଗିତା ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ, ଶିକ୍ଷକ କିଶୋର ଚନ୍ଦ୍ର ଦାସ, ଗଣେଶ ପ୍ରଧାନ, ଅଜିତ କୁମାର ମିଶ୍ର, ସଞ୍ଜୟ କୁମାର ପରିଡ଼ା, ଡ଼ି. ପୂର୍ଣ୍ଣଚନ୍ଦ୍ର, ଜ୍ୟୋସ୍ନା ଦିଗାଲ, ଭାରତୀ ସାହୁ, ସୁରଭି ନାୟକ, ଗୀତାଞ୍ଜଳୀ ପ୍ରଧାନ, ସୁମିତାରାଣୀ ଜୋସିରା, ଶିବାରାଣୀ ମଳିକ, ଲିପିମା ମଲ୍ଲିକ ଓ କୁନ୍ଦରି ପ୍ରଧାନ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ।



କ୍ରୀଡ଼ା ପତାକା ଉତ୍ତୋଳନ କରାଯାଉଛି।

# ବାଲ୍ୟବିବାହ ରୋକିବାକୁ ସଚେତନତା ଶିବିର

**ପାଟପୁର,୧୩।୨**

ସାନଖେମୁଣ୍ଡି ବ୍ଲକ ଜୀଉରା ଗ୍ରାମରେ ଗୁରୁବାର ପାଟପୁର ଆମ ପୋଲିସ ତରଫରୁ ବାଲ୍ୟ ବିବାହ ରୋକିବାକୁ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସାନଖେମୁଣ୍ଡି ତହସିଲଦାର ଅମିତ କୁମାର ନାୟକ, ସାନଖେମୁଣ୍ଡି ବିଡ଼ିଓ ଗାୟତ୍ରୀ ଦତ୍ତ ନାୟକ, ବ୍ରହ୍ମପୁର ଚାଇଲ୍ଡ ଲାଇନ ସଂଯୋଜକ ସାଇପ୍ରସାଦ ସାମଲ, ଦେବଦତ୍ତ ମହନ୍ତ, ପୂର୍ବତନ ବ୍ଲକ ଅଧକ୍ଷ ଲକ୍ଷ୍ମୀ ଚରଣ ପାତ୍ର, ସମିତିସଭ୍ୟ ରଘୁନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବାଲ୍ୟ ବିବାହର ଅସୁବିଧା ସମ୍ପର୍କରେ ଅତିଥିମାନେ ବୁଝାଇଥିଲେ। ଭ୍ରୂଣହତ୍ୟା କିମ୍ବା ଝିଅ–ପୁଅ ମାନଙ୍କ ଭିତରେ ମତଭେଦ କରିବେ ନାହିଁ, ଯେଉଁଠାରେ ଭ୍ରୂଣହତ୍ୟା କିମ୍ବା ଝିଅ–ପୁଅ ମାନଙ୍କ ଭିତରେ ପାତରଅନ୍ତର ହେଉଥିଲେ ତାହାକୁ ବନ୍ଦ କରିବା ଓ ଏହାର କୁପରିଣାମ ସମ୍ପର୍କରେ ଚାଇଲ୍ଡ ଲାଇନ ସଂଯୋଜକ ଲୋକମାନଙ୍କୁ ବୁଝାଇଥିଲେ। ଏହି ବୈଠକରେ ଅଙ୍ଗନୱାଡି କର୍ମୀ, ଆଶା, ପୋଲିସ ସମିତିର ସଦସ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# ପାଇପ୍‌ଲାଇନ ଯାଞ୍ଚ ଆରମ୍ଭ

### ପଥର ଖୋଲରୁ ଡିଜେଲ ବାହାରିବା ଘଟଣା

**ଦାରିଙ୍ଗବାଡ଼ି,୧୩।୨(ଡି.ଏନ.ଏ)**

ଦାରିଙ୍ଗବାଡ଼ିରେ ଏକ ପଥର ଖୋଲ ଭିତରୁ ଡିଜେଲ ବାହାରିବା ଘଟଣା ଏବେ ମଧ ରହସ୍ୟମୟ ହୋଇରହିଛି। ପ୍ରାୟ ୬ଦିନ ଧରି ପେଟ୍ରୋଲ ଟାଙ୍କିକୁ ବନ୍ଦ କରିଦିଆଯାଇଛି। ବିପିସିଏଲ ପକ୍ଷରୁ ଗୁରୁବାର ପେଟ୍ରୋଲ ପମ୍ପ ପାଇପ ଲାଇନକୁ ଖୋଳି ନୂତନ ପାଇପ ବସା ଯାଉଛି। ସନ୍ଧ୍ୟାସୁଦ୍ଧା ଯେତିକି ପାଇପ ମାଟିତଳୁ ବାହାର କରାଯାଇଛି ସେଠାରେ କୌଣସି ଲିକେଜ କିମ୍ବା ପାଇପ ଫାଟି ନ ଥିବା ପେଟ୍ରୋଲ ପମ୍ପ ମାଲିକ ଅରୁପ କୁମାର ସାହୁ କହିଛନ୍ତି। ସେ କହିଛନ୍ତି ଯେ, ପାଇପ ନଷ୍ଟ ହେଉ କିମ୍ବା ନହୋଇଥିଲେ ମଧ ସ୍ୱଷ୍ଟ ପାଇଁ ସମସ୍ତ ପାଇପ ଲାଇନକୁ ବଦଳାଯାଉଥିବା ଏବଂ ଏହା ବିପିସିଲର ବଡ଼ ପଦକ୍ଷେପ ବୋଲି ସେ କହିଛନ୍ତି। ଏହା ପରେ ଡିଜେଲ କେଉଁଠି ଲିକେଜ ହେଉଥିଲା ତାହା ସ୍ୱଷ୍ଟ ହେବ ବୋଲି ସେ ଆଶାପ୍ରକଟ କରିଛନ୍ତି। ଏହି ଯାଞ୍ଚ ପ୍ରକ୍ରୀୟାକୁ ଆହୁରି ୪ ରୁ ୫ଦିନ ଲାଗିବ। ସେହିଦିନ ପର୍ଯ୍ୟନ୍ତ ପେଟ୍ରୋଲ ଟାଙ୍କି ବନ୍ଦ ରହିବ ବୋଲି ସେ କହିଛନ୍ତି।



ପାଇପ ଲାଇନ ବଦଳା ଯାଉଛି।

# ଶିକ୍ଷା ବିଭାଗ ଅଧିକାରୀ ନ ଥିବାରୁ ହଟ୍ଟଗୋଳ

**ଦାରିଙ୍ଗବାଡି,୧୩।୨(ଡି.ଏନ୍.ଏ.)**

ଦାରିଙ୍ଗବାଡି ବ୍ଲକ ସଭାଗୃହରେ ବୁଧବାର ଏକାଦଶ ସମିତି ବୈଠକ ବ୍ଲକ ଅଧକ୍ଷା ସୁବେନ୍ତୀ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳେଇ ଅତିଥି ପରିଚୟ ପ୍ରଦାନ ସହ ସହ ବୈଠକ ପ୍ରାରମ୍ଭ କରିଥିଲେ। ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧରେ ସମିତିର ଆକାଉଣ୍ଟସ ଅଫିସର କ୍ଷେତ୍ରୀବର ଜାନୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ବବ୍ରୁବାହନ ବେହେରା, ଏମ୍‌ପି ପ୍ରତିନିଧି କ୍ଷେତ୍ରୀବଳ ନାୟକ, ୧୦ନଂ. ଜୋନ ଜିଲା ପରିଷଦ ସଦସ୍ୟା ସନ୍ଧ୍ୟାରାଣୀ ପ୍ରଧାନ, ୧୧ନଂ. ଜୋନ ଜିଲାପରିଷଦ ସଦସ୍ୟା ଦୀପିକା ମାଝି ପ୍ରମୁଖ ମଞ୍ଚାସୀନ ଥିଲେ। ବ୍ଲକ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ରବୀନ୍ଦ୍ରନାଥ ବେହେରା ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ବୈଠକରେ ଅନ୍ୟ ଅଧିକାରୀଙ୍କ ମଧରେ ଅତିରିକ୍ତ ଗୋଷ୍ଠୀ ପ୍ରାଣୀଧନ ଚିକିତ୍ସକ ଚିନ୍ମୟ କୁମାର ସାହୁ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବୁରୁ ପତ୍ରାମାଝୀ, ସିଡିପିଓ ମୀନା ପାତ୍ର, ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ବ୍ରଜକିଶୋର ମହାପାତ୍ର, ବ୍ଲକ ସାମାଜିକ ସଙ୍ଗଠକ କ୍ଷିତେଶ ସାହୁ, ଓଡିଶା ଜୀବିକା ମିଶନ କାର୍ଯ୍ୟକ୍ରମ ଅଧିକାରୀ ଅକ୍ଷୟ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

ପ୍ରଥମେ ବିଧାୟକ ପ୍ରଧାନ ଦାରିଙ୍ଗବାଡି ବ୍ଲକ ଅଞ୍ଚଳରେ ଶିକ୍ଷକ ଅଭାବ ସମ୍ପର୍କରେ ଆଲୋଚନା କରିଥିଲେ। ମାତ୍ର କୌଣସି ବିଭାଗୀୟ ଅଧିକାରୀ (ବିଇଓ,ଏବିଇଓ,ବିଆରସିସି) ନ ଥିବାରୁ ହଟ୍ଟଗୋଳ ହୋଇଥିଲା। ପର୍ତ୍ତମାହା ପଞ୍ଚାୟତରେ ଶିକ୍ଷକମାନେ ନିୟମିତ ଯାଉ ନ ଥିବା ସହ ଶ୍ରେଣୀ ଗୃହରେ ଶୋଇ ପଡୁଥିବା ସମିତିସଭ୍ୟ ସୂର୍ଯ୍ୟକାନ୍ତ ପ୍ରଧାନ ଅଭିଯୋଗ କରିଥିଲେ।

ହାତୀମୁଣ୍ଡା ସମିତିସଭ୍ୟ ଭିୟୁତ୍ତମ ଶୋଭାସୁନ୍ଦର ମଧ ଦାରିଙ୍ଗବାଡିରେ ଶିକ୍ଷା ବ୍ୟବସ୍ଥାର ସୁଧାର ପାଇଁ ପଦକ୍ଷେପ ନେବାକୁ ଦାବି କରିଥିଲେ। କେହି ଅଧିକାରୀ ନ ଥିବାରୁ ରେଜୁଲେଶନ ପାସ୍ କରି ଦାରିଙ୍ଗବାଡି ଶିକ୍ଷା ବିଭାଗର ବିରୋଧରେ କନ୍ଧମାଳ ଜିଲାପାଳଙ୍କୁ ଦେବାକୁ ନିଷ୍ପତି ହୋଇଥିଲା।

ସେହିପରିଏମ୍‌ଜିଏନ୍‌ଆରଇଜିଏସ୍‌ରେ କାମ କରି ମଜୁରି ମିଳୁ ନ ଥିବା ନେଇ ସିର୍କାବର୍ଗ ସରପଞ୍ଚ ଶ୍ୟାମଘନ ପ୍ରଧାନ, କୁମ୍ଭାରିଗାଁ ସରପଞ୍ଚ ସୁନାରସିଂ ମାଝୀ, ଝିଞ୍ଜିରିଗୁଡା ମାର୍କ ପାଟମାଝୀ, କାଟିଙ୍ଗିଆ ସମିତିସଭ୍ୟ କରମ ସିଂ ନାୟକ ପ୍ରମୁଖ ଅଭିଯୋଗ କରିଥିଲେ। ବିଧାୟକ ଉଦ୍‌ବେଗ ପ୍ରକାଶ କରି ଆସନ୍ତା ୧୮ରେ ଏନେଇ ସ୍ୱତନ୍ତ୍ର ବୈଠକ କରିବାକୁ ବିଡିଓଙ୍କୁ କହିଥିଲେ।

ବିକେଜିୱାଇ(ବିଜୁ କନ୍ଧମାଳ,ଗଜପତି ଯୋଜନା)ରେ ୨୫ ପଞ୍ଚାୟତରୁ ମାତ୍ର ୭କୁ ଅନୁଦାନ ଦିଆଯାଇଥିବାବେଳେ ଅନ୍ୟ ପଞ୍ଚାୟତକୁ ଦିଆଯିବାକୁ ଦାବି ହୋଇଥିଲା। ଗଡାପାକାଲିକୁ ରାସ୍ତା ନିର୍ମାଣ ପାଇଁ ଦାବି କରାଯାଇଥିବାବେଳେ ତାହା ଜଙ୍ଗଲ ଓ ପରିବେଶ ବିଭାଗ ଅଧିନରେ ଥିବାରୁ ସମ୍ପୃକ୍ତ ବିଭାଗ ରାସ୍ତା ନିର୍ମାଣ କରିବ ବୋଲି ସହକାରୀ ନିର୍ବାହୀ ଯନ୍ତ୍ରୀ ବେହେରା କହିଥିଲେ। ସେହିପରି ମହିଳା ଓ ଶିଶୁ ବିକାଶ ଯୋଜନାରେ ରହିଥିବା ବିଭିନ୍ନ ସମସ୍ୟାକୁ ନେଇ ବୈଠକରେ ହୋହଲ୍ଲା ହୋଇଥିଲା। ୨୫ ପଞ୍ଚାୟତରେ ମାତ୍ର ୮ ଯନ୍ତ୍ରୀ ରହିଥିବାରୁ ବିକାଶରେ ବାଧା ସୃଷ୍ଟି ହେଉଥିବା ଅଭିଯୋଗ ହୋଇଥିଲା।

୨୫ପଞ୍ଚାୟତ ଅଞ୍ଚଳରେ ସରକାରଙ୍କ ଲକ୍ଷାଧିକ ଟଙ୍କା ଅନୁଦାନ ପଡି ରହିଛି। ତୁରନ୍ତ ଖର୍ଚ୍ଚ ନ କଲେ ଫେରିଯିବ ବୋଲି ବ୍ଲକ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ରବିନ୍ଦ୍ରନାଥ ବେହେରା ସୂଚନା ଦେଇଥିଲେ।

ଜଣେ ଯନ୍ତ୍ରୀ ବିଭିନ୍ନ ପଞ୍ଚାୟତର ଅର୍ଥ ହଡପ କରି ବଦଳି ହୋଇଥିବା ଅଭିଯୋଗ ହୋଇଥିଲା। ରେଜୁଲେଶନ କରାଯାଇ ରାଜ୍ୟ ସରକାରଙ୍କୁ ତାଙ୍କ ବିରୋଧରେ ଜଣାଯିବ ବୋଲି ବିଡିଓ କହିଥିଲେ। ସେହିପରି ବୈଠକରେ ସ୍ୱାସ୍ଥ୍ୟବିଭାଗ ସହ ଏକାଧିକ ବିଭାଗର ଅଧିକାରୀ ଅନୁପସ୍ଥିତ ଥିବାରୁ ଜିଲାପାଳଙ୍କୁ ଅବଗତ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା।



ବୈଠକରେ ବିଧାୟକ ସାଲୁଗା ପ୍ରଧାନଙ୍କ ସମେତ ଅନ୍ୟ ଅଧିକାରୀ ଓ ଲୋକ ପ୍ରତିନିଧି।

### ପଞ୍ଚାୟତ ସମିତି ବୈଠକ

## ସଂକ୍ଷେପରେ

### ଭଡ଼ାଘରେ ଅଙ୍ଗନୱାଡ଼ି



ଦଶମନ୍ତପୁର,୧୩।୨(ଡି.ଏନ୍.ଏ.): ଦଶମନ୍ତପୁର ବ୍ଲକସ୍ଥିତ ନୂଆସାହି-୨ ଅଙ୍ଗନୱାଡ଼ି କେନ୍ଦ୍ର ଏଯାବତ୍ ଭଡ଼ାଘରେ ଚାଲିଛି। ଏହି କେନ୍ଦ୍ରଟି ୨୦୧୭ ଡିସେମ୍ବର ୧୪ରେ ଖୋଲା ଯାଇଥିବା ବେଳେ ପ୍ରାକ୍ ବିଦ୍ୟାଳୟ ତଥା ଅଙ୍ଗନୱାଡ଼ି କେନ୍ଦ୍ରରେ ୫୨ ଜଣ ଶିଶୁ ଅଧ୍ୟୟନ କରୁଛନ୍ତି। ପୂର୍ବରୁ ଅଙ୍ଗନୱାଡ଼ି କର୍ମୀ ଜଣକ ପ୍ରତ୍ୟେକଙ୍କ ଘର ଘର ବୁଲି ପିଲାଙ୍କୁ ଡାକିଆଣି କିଛିମାସ ହେବ କୃଷ୍ଣ ମୁଦୁଲିଙ୍କ ଘର ବାରଣ୍ଡାରେ ବସାଇ ପାଠ ପଢ଼ାଉଥିଲେ। କିଛି ବର୍ଷ ହେବ ସେ ଘର ଭଡ଼ା ନେଇ ପିଲାଙ୍କୁ ଶିକ୍ଷା ଦେଉଥିଲେ। ଦଦରା ଘରେ ତାହା ଚାଲିଛି। ସେଠାରେ ଶିଶୁଙ୍କୁ ଖେଳାଇବା ସହ ନାଚଗୀତ ଶିକ୍ଷା ଦେବା ସମ୍ଭବ ହେଉନାହିଁ। ଭଡ଼ାଘରଟି ଯେଉଁଭଳି ରହିଛି, ସେହି କେନ୍ଦ୍ରଟି ଗ୍ରୀଷ୍ମଋତୁ ପାଇଁ ଉପଯୁକ୍ତ ନୁହେଁ। କି ବର୍ଷାଦିନ ପାଇଁ ମଧ୍ୟ ଅନୁପଯୋଗୀ। ଅଣଓସାରିଆ କୋଠରି ହୋଇଥିବାରୁ ପିଲାମାନେ ସୁବିଧାରେ ବସି ଉଠି ପାରୁନାହାନ୍ତି। ନୂଆସାହି-୨ ଅଙ୍ଗନୱାଡ଼ି କେନ୍ଦ୍ର ପାଇଁ ଏକ ନୂତନ ଅଟ୍ଟାଳିକା ନିର୍ମାଣ କରିବା ପାଇଁ ନୂଆସାହି-୨ ବାସୀ ଦାବି ଜଣାଇଛନ୍ତି। ନଚେତ୍ ଜିଲାପାଳଙ୍କ ଦ୍ୱାରସ୍ଥ ହେବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏ ସଂପର୍କରେ ସମନ୍ୱିତ ଶିଶୁ ବିକାଶ ଅଧିକାରୀ ନମିତା ପଣ୍ଡା କହିଛନ୍ତି, ସେ ନୂଆସାହି-୨ କେନ୍ଦ୍ରରେ ନୂତନ ଗୃହ ନିର୍ମାଣ ପାଇଁ ବହୁବାର ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ହେଁ ଏଯାଏ ପଦକ୍ଷେପ ହୋଇନାହିଁ।

### ତ୍ରୁଟି ସଂଶୋଧନ ପରେ ୬୯ ଛାତ୍ରୀଛାତ୍ରଙ୍କୁ ମିଳିଲା ଆଡିମିଟ୍ କାର୍ଡ

ଶେରଗଡ,୧୩।୨(ଡି.ଏନ୍.ଏ.)- ଶେରଗଡ ବ୍ଲକ ଟାକରଡା ସ୍ଥିତ ସହୀଦ ଉଚ୍ଚ ବିଦ୍ୟାଳୟର ୭୨ଜଣଙ୍କ ଆଡିମିଟ୍ କାର୍ଡରେ ଭୁଲ ଥିବା ଘଟଣାର ସମାଧାନ କରିଛି ମାଧ୍ୟମିକ ଶିକ୍ଷା ପରିଷଦ। ଗୁରୁବାର ଅପରାହ୍ନରେ ୬୯ଜଣଙ୍କ ଆଡିମିଟ୍ କାର୍ଡ ୱେବ୍ ପୋର୍ଟାଲରେ ଉପଲବ୍ଧ ହୋଇଛି। ବିଦ୍ୟାଳୟ କର୍ତ୍ତୃପକ୍ଷ ୱେବ୍ ପୋର୍ଟାଲରୁ ଡାଉନଲୋଡ୍ କରି ଛାତ୍ରୀଛାତ୍ରଙ୍କୁ ପ୍ରଦାନ କରିଛନ୍ତି। ଆଉ ୩ ଜଣଙ୍କ ଆଡମିଟ୍ କାର୍ଡ ଆସିନାହିଁ। ତୁରନ୍ତ ଏହା ପଠାଇବା ବ୍ୟବସ୍ଥା କରାଯିବ ବୋଲି ବୋର୍ଡ କର୍ତ୍ତୃପକ୍ଷ କହିଥିବା ପ୍ରଧାନଶିକ୍ଷକ ଅଭିମନ୍ୟୁ ପ୍ରଧାନ ଜଣାଇଛନ୍ତି। ପ୍ରକାଶ ଯେ, ଉକ୍ତ ବିଦ୍ୟାଳୟରେ ଚଳିତବର୍ଷ ୯୯ଜଣ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେବାପାଇଁ ଫର୍ମ ଫିଲ୍ଅପ୍ କରିଥିଲେ। ସେଥରୁ ମାତ୍ର ୨୭ ଜଣଙ୍କ ଠିକ୍ ଆଡମିଟ୍ କାର୍ଡ ଆସିଥିଲା। ଅନ୍ୟ ୭୨ଜଣଙ୍କ କାର୍ଡରେ ତ୍ରୁଟି ପରିଲକ୍ଷିତ ହୋଇଥିଲା। ପ୍ରଧାନ ଶିକ୍ଷକ ପ୍ରଧାନ ଏନେଇ ବ୍ରହ୍ମପୁରସ୍ଥିତ ବୋର୍ଡ ଅଫିସର ଡେପୁଟି ସେକ୍ରେଟାରୀ ସୁବାସ ଚନ୍ଦ୍ର ବେହେରା ଓ ଜିଲା ଶିକ୍ଷାଆଧିକାରୀ ଅମୂଲ୍ୟ କୁମାର ପ୍ରଧାନଙ୍କୁ ଜଣାଇଥିଲେ। ମାଧମିକ ଶିକ୍ଷା ପରିଷଦ ପରୀକ୍ଷା ନିୟନ୍ତ୍ରକଙ୍କୁ ଜଣାଯିବା ପରେ ଗୁରୁବାର ଅପରାହ୍ନରେ ସଂଶୋଧନ କରାଯାଇ ୱେବ୍‌ରେ ଛଡାଯାଇଥିଲା।

# ଅଙ୍ଗନୱାଡିକୁ ଆସୁଥିବା ଚାଉଳ ହେରଫେର ଅଭିଯୋଗ

ବାଲିଗୁଡା,୧୩।୨(ଡି.ଏନ୍.ଏ.)

ବିଭିନ୍ନ ସମୟରେ ସରକାର ଅଙ୍ଗନୱାଡି କେନ୍ଦ୍ରକୁ ଦେଉଥିବା ଚାଉଳ ବାଟମାରଣା ହେଉଥିବା ଅଭିଯୋଗ ହେଉଛି। ବର୍ତ୍ତମାନ ଏମିତି ଏକ ଘଟଣା ବାଲିଗୁଡା ଅଞ୍ଚଳରେ ଦେଖିବାକୁ ମିଳିଛି। ଗୋଦାମରୁ ସିଧାସଳଖ କେନ୍ଦ୍ରକୁ ଚାଉଳ ଯିବାକୁ ନିୟମ ଥିବାବେଳେ ଏହା ବେସରକାରୀ ଗୋଦାମକୁ ଯାଉଛି।

ସୂଚନା ମୁତାବକ, ବାଲିଗୁଡା, ତୁମୁଡିବନ୍ଧ ଓ ରାଇକିଆ ସମେତ ୭ ବ୍ଲକର ଅଙ୍ଗନୱାଡି କେନ୍ଦ୍ରକୁ ତାରିଣୀ ଏଣ୍ଟରପ୍ରାଇଜ୍ ନାମକ ଏକ ଟ୍ରାନ୍ସପୋର୍ଟ କମ୍ପାନୀ ଚାଉଳ ଯୋଗାଇ ଆସୁଛି। ନିୟମାନୁଯାୟୀ ଗୋଦାମରୁ ବାହାରି ସିଧାସଳଖ ଅଙ୍ଗନୱାଡି କେନ୍ଦ୍ରରେ ଚାଉଳ ପହଞ୍ଚିବା କଥା। କିନ୍ତୁ ଗୋଦାମରୁ ବାହାରି ପୁଣି ଏକ ଘରୋଇ ଗୋଦାମରେ




ଗୋଦାମକୁ ଆସିଥିବା ଚାଉଳ ।

ରଖାଯାଉଥିବା ଘଟଣା ସାମ୍ନାକୁ ଆସିଛି। ଡିଲର ଜଣକ କ.ନୂଆଗାଁ ଏଫ୍‌ସିଆଇ ଗୋଦାମରୁ ଚାଉଳ ଆଣି ବାଲିଗୁଡାର ଏକ ଘରୋଇ ଗୋଦାମରେ ରଖୁଛନ୍ତି।

ଯାହା ପରବର୍ତ୍ତୀ ସମୟରେ ବାଟମାରଣା ହେବାନେଇ ସନ୍ଦେହ ଦେଖାଦେଇଛି। ତେବେ ଘଟଣା ସମ୍ପର୍କରେ ଟ୍ରକ୍ ଚାଳକ କିଛି ଜାଣିନଥିବା କହିଥିବା ବେଳେ, କ୍ରିଷ୍ଣା ଟ୍ରାନ୍ସପୋର୍ଟ କହିଛି କେବଳ ଗୋଦାମରୁ ବାଲିଗୁଡା ଆମେ ଭଡାରେ ଆଣିଛୁ। କିନ୍ତୁ ଗୋଦାମରୁ ବାହାରିବା ସମୟରେ କେଉଁ ଗାଡି ନାଁରେ କେତେ ଚାଉଳ କୁଆଡେ ଯାଉଛି ତାର କିଛି ପ୍ରଣାମ ମିଳିନାହିଁ। ଏ ସମ୍ପର୍କ ରେ ବାଲିଗୁଡା ଉପଖଣ୍ଡ ସମାଜ ସୁରକ୍ଷା ଅଧିକାରୀ ହରିଶ ପ୍ରଧାନଙ୍କୁ ପଚାରିବାରୁ

**ଗୋଦାମରୁ ସିଧା କେନ୍ଦ୍ରକୁ ନ ଯାଇ ବେସରକାରୀ ଗୋଦାମକୁ ଯାଉଛି**

ସେ ଏବିଷୟରେ ଜାଣି ନ ଥିବା କହିଥିଲେ। ଗୋଦାମରୁ ଚାଉଳ ସିଧା କେନ୍ଦ୍ରକୁ ଯିବା କଥା, ଅନ୍ୟ ଗୋଦାମରେ କେମିତି ଗଚ୍ଛିତ ହେଉଛି ତଦନ୍ତ କଲେ ଜଣାପଡିବ ବୋଲି କହିଛନ୍ତି। ଜିଲା ସମାଜ ସୁରକ୍ଷା ଅଧିକାରୀ ମନସ୍ୱିନୀ ମିଶ୍ର କହିଛନ୍ତି ଯେ, ଏ ସମ୍ପର୍କ ରେ ମୋ ପାଖରେ କିଛି ଖବର ନାହିଁ। ବୁଝିବା ପରେ ଜଣାପଡିବ। ସୂଚନା ମୁତାବକ ଚାଉଳ ଯୋଗାଣ କରୁଥିବା ଟ୍ରାନ୍ସପୋର୍ଟ କମ୍ପାନୀ ଠିକ୍ ଭାବେ ଠିକ୍ ସମୟରେ କେନ୍ଦ୍ରକୁ ଚାଉଳ ଦେଉ ନ ଥିବା ଏବଂ ଓଜନ କମ୍ ଥିବା ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା। ଏହାର ନିରପେକ୍ଷ ତଦନ୍ତ ହେବା ଦରକାର ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି।

# ବିଧାୟିକାଙ୍କ ଅଭିଯୋଗ ଶୁଣାଣି, ଭତ୍ତା ବଣ୍ଟନ



ଅଭିଯୋଗ ଶୁଣୁଛନ୍ତି ବିଧାୟିକା ।

ବେଗୁନିଆପଡ଼ା, ୧୩।୨(ଡି.ଏନ.ଏ.)

କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ଗୁରୁବାର ବେଗୁନିଆପଡ଼ା ବ୍ଲକର ସାଧାରଣ ଲୋକଙ୍କ ଅଭିଯୋଗ ଶୁଣାଣି କରିବା ସହ ଭତ୍ତା ବଣ୍ଟନ କରିଥିଲେ। ୩୧୨ ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା ୭୭ ଜଣ, ଦିବ୍ୟାଙ୍ଗ ଭତ୍ତା ୪ ଜଣ, ମଧୁବାବୁ ପେନସନ ଯୋଜନାରେ ୪୬୭ ଜଣଙ୍କୁ ଭତ୍ତା ବଣ୍ଟନ କରିଥିଲେ। ଏଥି ସହିତ ୧୬୭ଟି ଅଭିଯୋଗ ଶୁଣିବା ସହ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ମଧ୍ୟରେ ବିଶେଷତଃ ରାଶନ କାର୍ଡ, ଭତ୍ତା, ଆବାସ ଯୋଜନା, ମେଡିକାଲ ସହାୟତା, ପାନୀୟଜଳ ଯୋଗାଣ, ବେନିୟମ ଭାବେ ପଥର ଖଣି ଖନନ ରହିଥିବା ଜଣାପଡିଛି। ବିଡିଓ ବେଦବର ପ୍ରଧାନ, ଅଧ୍ୟକ୍ଷ ପ୍ରତିନିଧି ବିଜୟ କୁମାର ଦୋରା, ସହକାରୀ ଯନ୍ତ୍ରୀ ପ୍ରଦୀପ କୁମାର ପରିଡା, ଉପାଧ୍ୟକ୍ଷ ଭ୍ରମର ଭୂୟାଁ, ଜିଲା ପରିଷଦ ସଦସ୍ୟ ପ୍ରଫୁଲ୍ଲ ଚନ୍ଦ୍ର ତିଆଡି, ତ୍ରିନାଥ ଭୂୟାଁ, ଯୋଗାଣ ଅଧିକାରୀ, ଜିପିଇଓ, କନିଷ୍ଠ ଯନ୍ତ୍ରୀ, ତହସିଲ କର୍ମଚାରୀ, ସରପଞ୍ଚ, ସମିତିସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ପାଣିଘଣ୍ଟି ଶୁଭାରମ୍ଭ, ପାଣି ବୋତଲ ପ୍ରଦାନ




ଜିଲାପାଳ ଛାତ୍ରୀଛାତ୍ରଙ୍କୁ ପାଣି ବୋତଲ ପ୍ରଦାନ କରୁଛନ୍ତି।

ଶେରଗଡ୧୨।୨(ଡି.ଏନ୍.ଏ.)

ଶେରଗଡ ବ୍ଲକ କରଡାକଣା ଉଚ୍ଚ ବିଦ୍ୟାଳୟ ପରିସରରେ କରଡାକଣା ଫରେଷ୍ଟ ବିଭାଗ ପକ୍ଷରୁ ବୁଧବାର ଉଚ୍ଚ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୬୦୦ ଛାତ୍ରୀଛାତ୍ରଙ୍କୁ ପାଣି ବୋତଲ ସହ ଏକ କିଟ୍ ବଣ୍ଟନ କରାଯାଇଥିଲା। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଛାତ୍ରୀଛାତ୍ରମାନଙ୍କୁ ଏହା ପ୍ରଦାନ କରିଥିଲେ। ଏହାସହ ଜିଲାପାଳ କୁଲାଙ୍ଗେ ବିଦ୍ୟାଳୟରେ ଜଳଘଣ୍ଟିର ଶୁଭାରମ୍ଭ କରିଥିଲେ। ଦକ୍ଷିଣ ଘୁମସର ବନରେଞ୍ଜ ଓ କରଡାକଣା ଫରେଷ୍ଟ ବିଭାଗ ପକ୍ଷରୁ ଆୟୋଜିତ ଏକ ସମାବେଶରେ ଜିଲାପାଳ ମୁଖ୍ୟଅତିଥି ଭାବେ ଯୋଗ ଦେଇ କହିଥିଲେ ଜଳ ହିଁ ଜୀବନ। ଠିକ୍ ସମୟରେ ପାଣି ପିଇଲେ ସ୍ୱାସ୍ଥ୍ୟ ଠିକ ରହିବ। କେବେ ରୋଗ ହେବନାହିଁ। ନଚେତ କିଡ୍‌ନୀ ଓ ପେଟ ରୋଗ ହେବ। ଅନ୍ଧ ବିଶ୍ୱାସକୁ ପ୍ରଶ୍ରୟ ଦିଅନି, ଗାଁ ନିକଟରେ ଥିବା ଜଙ୍ଗଲର ସୁରକ୍ଷା କର। ଜୀବଜନ୍ତୁ ପ୍ରତି ଦୟା ଜଙ୍ଗଲର ସୁରକ୍ଷା ଆମ ସମସ୍ତଙ୍କ କର୍ତ୍ତବ୍ୟ। ପୁଅ ଝିଅ ମଧ୍ୟରେ ଭେଦଭାବ ଦୂର କର। ବିଦ୍ୟାଳୟରେ ପାଠ ପଢିବା ସହ ସାଧାରଣ ଜ୍ଞାନ ସହ ସାମାଜିକ ଶିକ୍ଷାର ଆବଶ୍ୟକତା ରହିଛି। ଏଥିସହ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପ୍ରଶ୍ନ ପଚାରି ଠିକ୍ ଉତ୍ତର ପାଇଥିଲେ। ଅନ୍ୟତମ ଅତିଥି ଭାବେ ଭଞ୍ଜନଗର ଜିଲା ବନଖଣ୍ଡ ଅଧିକାରୀ ସତ୍ୟନାରାୟଣ ବେଉରା, ବିଡିଓ ସୁରଞ୍ଜନ କୁମାର ସାହୁ, ତହସିଲଦାର ଡ. ଦୟାସିନ୍ଧୁ ପରିଡା, ଆସିକା ରେଞ୍ଜର ପସନ୍ନ କୁମାର ସାହୁ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା, ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ରପାତ୍ର, ଗୋପାଳଚରଣପଟ୍ଟନାୟକ, ସମାଜସେବୀ ତଥା ପି.କରଡାକଣା ବନ ସୁରକ୍ଷା ସମିତି ସଭାପତି ରାମକୃଷ୍ଣ ପଣ୍ଡାଙ୍କ ସମେତ ଫରେଷ୍ଟର ପି. ସୁରଜ କୁମାର ଉପସ୍ଥିତ ଥିଲେ।




ଡଙ୍କଲପାଡୁରେ ଘଟିଥିବା ବସ୍‌ଟ୍ରାଜେଡି ଘଟଣାରେ ମୃତ୍ୟୁ ଘଟିଥିବା ୧୦ ମୃତକଙ୍କୁ ଶ୍ରଦ୍ଧାଞ୍ଜଳୀ ଅବସରରେ ଗୁରୁବାର ସନ୍ଧ୍ୟାରେ ବ୍ରହ୍ମପୁର ଗଣମାଧ୍ୟମ ପ୍ରତିନିଧିଙ୍କ କ୍ୟାଣ୍ଡେଲ ଶୋଭାଯାତ୍ରା । (ଫଟୋ–ସମୀର)

## କୁକୁଡ଼ାଖଣ୍ଡି ବ୍ଲକରେ ମାଟି ପରୀକ୍ଷା

କୁକୁଡ଼ାଖଣ୍ଡି,୧୩।୨(ଡି.ଏନ.ଏ.)

ଜାତୀୟ ମୃତ୍ତିକା ସାସ୍ଥ୍ୟ ଓ ଉର୍ବରତା ପରିଚାଳନା ପ୍ରକଳ୍ପ ପାରାଦୀପ ଫସଫେଟସ୍ ଲିମିଟେଡର ମାଟି ପରୀକ୍ଷାରେଏହି ସୁଫଳ ପାଇବାରୁ କମ୍ ଖର୍ଚ୍ଚରେ ଅଧିକ ଅମଳ ହୋଇପାରେ ବୋଲି ସ୍ଥାନୀୟ କୃଷି କାର୍ଯ୍ୟାଳୟରେ ଥିବା ଭ୍ରାମ୍ୟମାଣ ମୃତ୍ତିକା ପରୀକ୍ଷାଗାର ଗାଡି ଦ୍ୱାରା ମାଟି ପରୀକ୍ଷା ବୁଲି ଦେଖିଛନ୍ତି। ବିଡ଼ିଓ ଗଦାଧର ପାତ୍ରଙ୍କ ସହିତ ସହକାରୀ କୃଷି ଅଧିକାରୀ ଅଜିତ କୁମାର ମହାପାତ୍ର ବିଭିନ୍ନ ଯୋଜନାରେ ମାଟି ପରୀକ୍ଷା ବିଷୟରେ ବୁଝାଇଥିଲେ। ବିଡ଼ିଓ ପାତ୍ର ଚାରା ଯୋଜନାରେ ସବୁ ଗାଁରେ ଚାଷୀମାନଙ୍କଠାରୁ ମାଟି ସଂଗ୍ରହ କରି ପରୀକ୍ଷା କରିବାକୁ କହିଥିଲେ। ତାପରେ କୃଷି କାର୍ଯ୍ୟାଳୟ ବୁଲି କାଳିଆ ଯୋଜନା କାର୍ଯ୍ୟ, ମୃତ୍ତିକା ପଞ୍ଜିକରଣ, କୀଟନାଶକ ରିହାତି ପରମିଟ ବୁଲି ଦେଖିଥିଲେ। ସାଙ୍ଗରେ ମହୁଡ଼ାର ସହକାରୀ କୃଷି ଅଧିକାରୀ ବିଶ୍ୱରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ୨୧ ବେଆଇନ ଇଟାଭାଟି ସିଲ୍ କଲା ପ୍ରଶାସନ

ଚିକିଟି,୧୩।୨(ଡି.ଏନ.ଏ.)

ଚିକିଟି ତହସିଲ୍ ଇଲାକାରେ ଦୀର୍ଘଦୀନ ହେଲା ବେଧଡକ ଭାବେ ଇଟାଭାଟି ଚାଲିଛି। ଏନେଇ ଅଞ୍ଚଳବାସୀ ଅଭିଯୋଗ କରି ଆସୁଥିଲେ। ଗୁରୁବାର ଜାତୀୟ ଗ୍ରୀନ୍‌ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶକ୍ରମେ ଚିକିଟି ତହସିଲ୍ ପ୍ରଶାସନ ପକ୍ଷରୁ ବେଆଇନ୍ ଇଟାଭାଟି ଉପରେ ଅତର୍କିତ ଚଢାଉ କରାଯାଇଥିଲା। ସନ୍ଧ୍ୟା ସୁଦ୍ଧା ଚିକିଟି, ନୂଆପଡା, କୁଟିଲିଙ୍ଗ୍ ଇଲାକାରେ ୨୧ଗୋଟି ଇଟାଭାଟି ଉପରେ ଚଢାଉକରି ସିଲ୍ କରାଯାଇଥିବା ଚିକିଟି ଅତିରିକ୍ତ ତହସିଲ୍‌ଦାର ହ. ଶକ୍ତିପ୍ରସାଦ ଶ୍ରୀଚନ୍ଦନ କହିଛନ୍ତି । ଚଢାଉରେ ଚିକିଟି, ନୂଆପଡା, କୁଟିଲଙ୍ଗ୍ ରାଜସ୍ୱ ନୀରିକ୍ଷକଙ୍କ ସମେତ ଚିକିଟି ଓ ନୂଆପଡା ଫାଣ୍ଡି ଅଧିକାରୀ ବିଜୟ କୁମାର ପ୍ରଧାନ ଓ କେସି ବେହେରା ସାମିଲ୍ ଥିଲେ।

# ଋଣ ସଂଯୋଗୀକରଣ ସଚେତନତା




ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ ।

ଜୟପୁର,୧୩।୨(ନି.ପ୍ର.)

ଜୟପୁର ବ୍ଲକ କୁମୁଲିପୁଟ ଲ୍ୟାମ୍ପସରେ ସମବାୟ ପରିଚାଳନା କେନ୍ଦ୍ର ଆନୁକୂଲ୍ୟରେ ଋଣ ସଂଯୋଗୀକରଣ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କେସିସି ବ୍ୟାଙ୍କ ସଭାନେତ୍ରୀ ଇନ୍ଦିରା ନନ୍ଦ ଏହାର ଉଦ୍‌ଘାଟନ କରି କହିଛନ୍ତି ଯେ, ସମବାୟ ବ୍ୟାଙ୍କ ମାଧ୍ୟମରେ ବିଭିନ୍ନ ଅର୍ଥକାରୀ କାର୍ଯ୍ୟକ୍ରମ ଦ୍ୱାରା ସମବାୟ ଅନୁଷ୍ଠାନ ଓ ଅଞ୍ଚଳର ବିକାଶରେ ଭାଗିଦାରୀ ମିଳିପାରିବ। ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବ୍ୟାଙ୍କର ନିର୍ଦ୍ଦେଶକ ରମାକାନ୍ତ ରାଉଳ ସମବାୟ ମାଧ୍ୟମରେ ସଶକ୍ତ ହୋଇ ଗଣ ଆନ୍ଦୋଳନରେ ପରିଣତ କରି ଅଞ୍ଚଳର ବିକାଶ କରିବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମବାୟ, ପଶୁ ସମ୍ପଦ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ। ସମବାୟ ପରିଚାଳନା କେନ୍ଦ୍ରର ଅଧ୍ୟକ୍ଷ ସଞ୍ଜୟ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଲ୍ୟାମ୍ପର ପରିଚାଳନା ନିର୍ଦ୍ଦେଶିକା ମାନସୀ ପରିଚ୍ଛା, କାର୍ଯ୍ୟକର୍ତ୍ତା ଓ ଲ୍ୟାମ୍ପ ପରିଚାଳନା ମଣ୍ଡଳର ସଦସ୍ୟ ପ୍ରତାପ ଚନ୍ଦ୍ର ମାଦଳା ସହଯୋଗ କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଯୁଗ୍ମ ସଂଯୋଗୀକରଣ ଗୋଷ୍ଠୀର ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସରୋଜିନୀ ନାଇଡୁଙ୍କ ଜୟନ୍ତୀ ପାଳିତ

ଜୟପୁର,୧୩।୨(ନି.ପ୍ର.)

ଜୟପୁର ସହରର ରଙ୍ଗମାଟି ଅନୁଷ୍ଠାନ ତରଫରୁ ସ୍ୱାଧୀନତା ସଂଗ୍ରାମୀ ତଥା ଖ୍ୟାତନାମା କବୟିତ୍ରୀ ତଥା ଭାରତର ସର୍ବପ୍ରଥମ ମହିଳା ରାଜ୍ୟପାଳ ଭାବେ ପରିଚିତ ସ୍ୱର୍ଗତ ସରୋଜିନୀ ନାଇଡୁଙ୍କ ଜୟନ୍ତୀ ପାଳିତ ହୋଇଛି। ସବୁ ଧର୍ମ ଓ ସବୁ ଭାଷାକୁ ଭଲ ପାଉଥିବା ଚିର ସ୍ମରଣୀୟ ଏହି ଅମର ନେତ୍ରୀଙ୍କ ଜୟନ୍ତୀ ସଭା ମଞ୍ଜୁଲତା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ଉପଦେଷ୍ଟା ବିଷ୍ଣୁ ପ୍ରସାଦ ପାତ୍ର, ସମ୍ପାଦକ ତୁଳସୀ ବେହେରା, ଉପସଭାପତି ସନ୍ଦୀପ ପାଣିଗ୍ରାହୀ, କୁଞ୍ଜ ବିହାରି ମହାନ୍ତିଙ୍କ ସମେତ ଅନୁଷ୍ଠାନର ୩୦ରୁ ଅଧିକ ସଦସ୍ୟ ଯୋଗ ଦେଇଥିଲେ।

# ଗୋପାଳପୁର କଲେଜ ବାର୍ଷିକୋତ୍ସବ

ଗୋପାଳପୁର,୧୩।୨

ଗୋପାଳପୁର କଲେଜର ୩୯ତମ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ବିଧାୟକ ଡ଼. ପ୍ରଦୀପ କୁମାର ପାଣିଗ୍ରାହୀ, ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ଜୋନର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଡ.ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଗୋପାଳପୁର ଥାନାଧିକାରୀ ବିବେକାନନ୍ଦ ମହନ୍ତ, ୫୫ ନଂ ଜିଲା ପରିଷଦ ସଭ୍ୟ ଶଶିଭୂଷଣ ମହାନ୍ତି, ତୁରା ସ୍ନାତକ କଲେଜ ଅଧ୍ୟକ୍ଷ ଡ. ପିନାକୀ ମହାନ୍ତି, ଗୋପାଳପୁର କଲେଜ ପୂର୍ବତନ ଅଧ୍ୟକ୍ଷ ଏସ. ରାମାରାଓ, ସିଟି କଲେଜର ପୂର୍ବତନ ଅଧ୍ୟକ୍ଷ ଏସ.ସର୍ବେଶ୍ୱର ରାଓ ପ୍ରମୁଖ ମଞ୍ଚାସୀନ ଥିଲେ। କଲେଜ ଅଧ୍ୟକ୍ଷ ଡ. ରମାକାନ୍ତ ଚୌଧୁରୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ର କଠିନ ପରିଶ୍ରମ କଲେ ସଫଳତାର ଶୀର୍ଘରେ ପହଞ୍ଚି ପାରିବେ ବୋଲି ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ କହିଥିଲେ। ସେହିପରି ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ତ୍ରିପାଠୀ ଇଣ୍ଟରନେଟ ଯୁଗରେ ମୋବାଇଲ ଦ୍ୱାରା ବହୁ ଶିକ୍ଷଣୀୟ ତଥ୍ୟ ହାସଲ କରିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପିକା ଅଧ୍ୟାପକମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



ଉପସ୍ଥିତ ଅତିଥି ଓ କୃତୀ ପ୍ରତିଯୋଗୀ।

# ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀଙ୍କ ଦିଗପହଣ୍ଡି ଗସ୍ତ

ଦିଗପହଣ୍ଡି,୧୩।୨(ଡି.ଏନ.ଏ.)

ବହୁ ପ୍ରତିକ୍ଷୀତ ଛେଳିଗଡ଼ ଜଳ ସେଚନ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ପ୍ରଶାସନିକ ତତ୍ପରତା ଆରମ୍ଭ ହୋଇଛି। ବୁଧବାର ରାଜ୍ୟ ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଇଂ. ଜ୍ୟୋତିର୍ମୟ ରଥ ଦିଗପହଣ୍ଡି ଗସ୍ତ କରିବା ସହ ଖମାରୀ ଗାଁ ପଞ୍ଚାୟତ ଗଡସାମନ୍ତରାପୁର ଗ୍ରାମ ନିକଟ ଛେଳିଗଡ ପ୍ରକଳ୍ପର କୃପାମୟପୁର ବିସ୍ଥାପିତ କଲୋନୀରେ ପହଞ୍ଚିଥିଲେ। ସେଠାରେ ରହୁଥିବା ପ୍ରାୟ ୪୯ ପରିବାରର ମୁଖିଆଙ୍କ ଜୀବନ ଜୀବିକା ସମ୍ପର୍କରେ ପଚାରି ବୁଝିଥିଲେ। ସେମାନଙ୍କୁ ତୁରନ୍ତ ସ୍ଥିତିବାନ ଚାଷ ଜମି ଓ ଘର ପଟ୍ଟା ଯୋଗାଇ ଦେବାକୁ ପୁନର୍ବାସ ଓ ଥଇଥାନ ଯୋଜନାର ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ପଟ୍ଟନାୟକ ଦିଗପହଣ୍ଡି ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ଶହଦେବ ଟିକରପଡ଼ା ପଞ୍ଚାୟତ ବାବୁଲି ବନ୍ଧ ଓ ବାଲିପାଟ ଗ୍ରାମ ନିକଟରେ ବିସ୍ଥାପିତ ୪ ଗ୍ରାମବାସୀଙ୍କ କଲୋନୀ ନିର୍ମାଣ ପାଇଁ ଚିହ୍ନଟ କରାଯାଇଥିବା



ସର୍ବୋଚ୍ଚ ଯନ୍ତ୍ରୀ ଓ ଅନ୍ୟ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରୁଛନ୍ତି ।

ଜମି ବୁଲି ଦେଖିଥିଲେ। ସେଠାରୁ ସେ ଗଜପତି ଜିଲା ମହେନ୍ଦ୍ରଗଡ ନିକଟରେ ଥିବା ଛେଳିଗଡ ଜଳସେଚନ ପ୍ରକଳ୍ପ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପ୍ରକଳ୍ପ ନିର୍ମାଣ ଅଗ୍ରଗତି କାର୍ଯ୍ୟର ଉଚ୍ଚ ସ୍ତରୀୟ ସମୀକ୍ଷା କରିଥିଲେ।

ସମ୍ପୂର୍ଣ୍ଣ ବୁଡି ଅଞ୍ଚଳ ଭାବେ ଚିହ୍ନଟ ସୁଗୁବା, ବିଦ୍ୟାଧରପୁର, କାକିଲି, ଚଢ଼େୟାପଦା, ତିଳିଗାଁ ସମେତ ଆଶିଂକ ପ୍ରଭାବିତ ପ୍ରାୟ ୧୦ରୁ ଉର୍ଦ୍ଧ୍ୱ ଗ୍ରାମରୁ ଆସିଥିବା ଗ୍ରାମବାସୀଙ୍କ ସମସ୍ୟା ଶୁଣିବା ସହ ସେମାନଙ୍କ ବିଭିନ୍ନ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଜଳସମ୍ପଦ ବିଭାଗ ମୁଖ୍ୟ ଯନ୍ତ୍ରୀ ଇଂ. ଯଶୋବନ୍ତ ପରିଡ଼ା, ପୁନର୍ବାସ ଓ ଥଇଥାନ ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ପଟ୍ଟନାୟକ, ନିର୍ବାହୀ ଯନ୍ତ୍ରୀ ଇଂ.ନଗେନ୍ଦ୍ର ନାଥ ମହାରଣା, ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ କରୁଣାକର ରାଇକାଙ୍କ ସମେତ ସମସ୍ତ ଉଚ୍ଚପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ।

**ଛେଳିଗଡ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ନେଇ ତତ୍ପରତା**

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ଶୁକ୍ରବାର, ଫେବୃୟାରୀ ୧୪/୨୦୨୦ Berhampur, Friday, February 14/ 2020




# ମୃତକଙ୍କ ପରିବାରକୁ ଭେଟିଲେ କଂଗ୍ରେସ ନେତା

**ଗୋପାଳପୁର,୧୩।୨**

ଗତ ରବିବାର ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକ ଡଙ୍କଲପାଡୁ ରାସ୍ତାରେ ନିର୍ବନ୍ଧ ପାଇଁ ଯାଉଥିବା ବସ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯିବାରୁ ୧୦ ଜଣଙ୍କ ଜୀବନ ଯାଇଥିଲା। ଗୁରୁବାର ଅପରାହ୍ନରେ ସାନଖେମୁଣ୍ଡି ବିଧାୟକ ରମେଶ ଜେନା ଓ ଅନ୍ୟ କଂଗ୍ରେସ ନେତା ଦୁର୍ଘଟଣାସ୍ଥଳ ପରିଦର୍ଶନ କରିବା ସହ ଡଙ୍କଲପାଡୁ ଗ୍ରାମକୁ ଯାଇଥିଲେ।

## ଡଙ୍କଲପାଡୁ ବସ୍ ଟ୍ରାଜେଡି

ଶୋକସନ୍ତପ୍ତ ୧୦ ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ସହଯୋଗ କରିବେ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି। ବାପା, ମା'ଙ୍କୁ ହରାଇଥିବା ଦୁଇ ଭଉଣୀଙ୍କୁ ସମବେଦନା ଜଣାଇବା ସହ ସମସ୍ତ ପ୍ରକାର ସହଯୋଗ କରିବେ ବୋଲି ବିଧାୟକ ଜେନା ପ୍ରତିଶ୍ରୁତି ଦେଇଛନ୍ତି। ବିଦ୍ୟୁତ ଆଘାତରେ ଗୁରୁତର ହୋଇ ଚିକିତ୍ସିତ ହେଉଥିବା ଲୋକଙ୍କୁ ଆର୍ଥିକ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ବିଧାୟକଙ୍କୁ ଅନୁରୋଧ କରିଥିଲେ।


ବିଧାୟକ ରମେଶ ଜେନା ମୃତକଙ୍କ ପରିବାର ସହ ଆଲୋଚନା କରୁଛନ୍ତି।

ବିଧାୟକ ଜେନାଙ୍କ ସହ ଯୋଗାଯୋଗ ବେଳେ ସେ କହିଥିଲେ, ବିଦ୍ୟୁତ୍ ବିଭାଗର ଅବହେଳା ଯୋଗୁ ଏଭଳି ଘଟିଛି। ଦୁଇ ଅନାଥ ଝିଅଙ୍କୁ ସହଯୋଗ କରିବି, ଏଥିସହ ଚିକିତ୍ସିତ ହେଉଥିବା ଆହତ ଓ ମୃତକଙ୍କ ପରିବାରକୁ କିଭଳି ଅଧିକ ସହାୟତା ମିଳିବ ସେନେଇ ଉଦ୍ୟମ କରିବି ବୋଲି ସୂଚନା ଦେଇଥିଲେ। ଏହି ଟିମରେ ମହିଳା କଂଗ୍ରେସ ଜିଲା ସଭାନେତ୍ରୀ ସ୍ୱରୂପା ତ୍ରିପାଠୀଙ୍କ ସମେତ ଶମ୍ଭୁ ପାଣିଗ୍ରାହୀ ପ୍ରମୁଖ ସାମିଲ ହୋଇଥିଲେ।

# ଫର୍ମ ଫିଲ୍ଅପ୍ କରି ମିଳିନି ଆଡ୍‌ମିଟ୍ କାର୍ଡ

**ଗଞ୍ଜାମ,୧୩।୨(ଡି.ଏନ.ଏ.)**

ଆଉ ପାଞ୍ଚ ଦିନ ପରେ ମାଟ୍ରିକ ପରୀକ୍ଷା। ବର୍ତ୍ତମାନ ସୁଦ୍ଧା ଗଞ୍ଜାମ ବ୍ଲକ ହୁମ୍ମା ବୀରଭଦ୍ର ହାଇସ୍କୁଲର ଜଣେ ଛାତ୍ରୀଙ୍କୁ ଆଡମିଟ୍ କାର୍ଡ ମିଳିନାହିଁ। ସେ ହେଲେ ଝଡକୁଦା ଗ୍ରାମର ଡି. ଭାସ୍କର ରେଡ୍ଡୀଙ୍କ ଝିଅ ଡି.ଲିଲି ରେଡ୍ଡୀ। ଚଳିତବର୍ଷ ମାଟ୍ରିକ୍ ପରୀକ୍ଷା ପାଇଁ ଫର୍ମ ଫିଲ୍ଅପ କରିଥିଲେ। ସାଙ୍ଗମାନଙ୍କର ଆଡମିଟ୍‌କାର୍ଡ ଆସିଥିଲେ ମଧ୍ୟ ଲିଲିଙ୍କର କାର୍ଡ ଆସିନାହିଁ। ଏନେଇ ଲିଲିଙ୍କ ବାପା ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁନିଲ ବେହେରାଙ୍କୁ ପଚାରିବାରୁ ସେ ସନ୍ତୋଷଜନକ ଉତ୍ତର ଦେଇ ପାରି ନ ଥିଲେ। ଫଳରେ ସେ ଏବିଇଓ ବିଜୟ


ଡି.ଲିଲି ରେଡି

ଚନ୍ଦ୍ର ବେହେରାଙ୍କୁ ଜଣାଇଛନ୍ତି। ଏ ସମ୍ପର୍କରେ ଗଞ୍ଜାମ ଜିଲା ଶିକ୍ଷାଧିକାରୀ ଅମୁଲ୍ୟ କୁମାର ପ୍ରଧାନଙ୍କୁ ପଚାରିବାରୁ ଯଦି ଛାତ୍ରୀ ଜଣଙ୍କର

## ୫ଦିନ ପରେ ମାଟ୍ରିକ୍ ପରୀକ୍ଷା

ଫର୍ମ ଫିଲ୍ଅପ୍ ହୋଇଥିବ ତେବେ ପରୀକ୍ଷା ଦେଇପାରିବେ। କ'ଣ ହୋଇଛି ବୁଝିବା ପରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

ଏନେଇ ବୀରଭଦ୍ର ହାଇସ୍କୁଲ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବେହେରାଙ୍କୁ ପଚାରିବାରୁ ସେ ଦୋଷ ସ୍ୱୀକାର କରିଛନ୍ତି। ଜଣେ ଶିକ୍ଷକଙ୍କୁ ସେ ଏହି ଦାୟିତ୍ୱ ଦେଇଥିଲେ। ତାଙ୍କ ବଦଳରେ ଅନ୍ୟ ଜଣଙ୍କ ଫର୍ମ ଫିଲ୍ଅପ୍ ହୋଇଯାଇଛି। ଏନେଇ ଶୁକ୍ରବାର ବୋର୍ଡ ଅଫ୍ ସେକେଣ୍ଡାରୀ, କଟକ ଯାଇ କଥା ହେବି ବୋଲି କହିଛନ୍ତି।

# ହନୁମାନ ଚାଳିଶା ପଠନ, ଘୃତଯଜ୍ଞ

**ବୁଗୁଡ଼ା,୧୩।୨(ଡି.ଏନ.ଏ.)**

ବୁଗୁଡ଼ା ବ୍ଲକ କରଚୁଲି ବ୍ୟାଘ୍ରାମ୍ବରୀ ମଠରେ ଗୁରୁବାର କୁମ୍ଭ ସଂକ୍ରାନ୍ତି ଉପଲକ୍ଷେ ଶ୍ରୀରାମ ଚରିତ ମାନସ ସମିତି ପକ୍ଷରୁ ହନୁମାନ ଚାଳିଶା ପଠନ ସହ ଘୃତ ଓ ଅନ୍ନଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ମଠାଧୀଶ ସତ୍ୟାନନ୍ଦ ବ୍ରହ୍ମଚାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ଼ଃ. ସୁଦିନ କୁମାର କର୍ତ୍ତା ଭାବେ ଦାୟିତ୍ୱ ସମ୍ପାଦନ କରିଥିଲେ। ଏଥିରେ ସମିତିର ସମସ୍ତ ସଭ୍ୟମାନେ ଉପସ୍ଥିତ ରହି ସମିତିର ଭୂମିକା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବଡ଼ଗୋସାଇଁ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ